

Odia Daily

www.theutkalsamachar.com

# ଉତ୍କଳ ସମାଚାର

THE UTKAL SAMACHAR

PUBLISHED FROM ROURKELA, SAMBALPUR & BHUBANESWAR



✦Vol - 22✦ Issue No:122✦25 August 2026 (Tuesday)✦Rourkela ✦ Rs.2.00 ✦ Page -1 ✦୨୨ ବର୍ଷ ✦ସଂଖ୍ୟା:୧୨୨✦୨୫ ଅଗଷ୍ଟ ୨୦୨୬ (ମଙ୍ଗଳବାର)✦ ରାଉରକେଲା ✦ମୂଲ୍ୟ:ଟ.୨.୦୦✦ ପୃଷ୍ଠା-୬


## ଓଡ଼ିଶା ଅର୍ବାନ କନକ୍ଲେଭ୍ ୨୦୨୬

# ବ୍ୟବହୃତ ଜଳ ପରିଚାଳନା ଉପରେ ବୈଷୟିକ ସମ୍ମିଳନୀ



ଭୁବନେଶ୍ୱର,୨୪/୮(ନି/ପ୍ର): ଓଡ଼ିଶା ଅର୍ବାନ କନକ୍ଲେଭ୍ ୨୦୨୬ ଅଂଶବିଶେଷ ଭାବେ ବ୍ୟବହୃତ ଜଳ ପରିଚାଳନା ଉପରେ ଆୟୋଜିତ ବୈଷୟିକ ସମ୍ମିଳନୀ ଗତକାଲି (ରବିବାର) ଭୁବନେଶ୍ୱରସ୍ଥିତ ଲୋକସେବା ଭବନର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି। ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡଃ କୃଷ୍ଣଚନ୍ଦ୍ର ମହାପାତ୍ର ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀ, ସିପିଏଚଇଓ (ଉଟଐରରଡ଼)ର ଡଃ ଭି. କେ. ଚୌରାସିଆ, ଗୃହନିର୍ମାଣ ଓ ନଗର ଉନ୍ନୟନ ବିଭାଗର ଯନ୍ତ୍ରୀ ପ୍ରଶାନ୍ତ କୁମାର ମହାପାତ୍ର ଙ୍କ ସମେତ ବରିଷ୍ଠ ସରକାରୀ ଅଧିକାରୀ,ଯନ୍ତ୍ରୀ, ନୀତି ନିର୍ଦ୍ଧାରକ, ଶିକ୍ଷାବିତ୍, ପ୍ରଯୁକ୍ତିବିତ୍ ଏବଂ ଶିଳ୍ପ ପ୍ରତିନିଧିମାନେ ଯୋଗଦେଇ ବର୍ଜ୍ୟଜଳ ବିଶୋଧନ, ପୁନଃବ୍ୟବହାର ଏବଂ ସମ୍ପଦ ପୁନରୁଦ୍ଧାର ପାଇଁ ସ୍ଥାୟୀ, ନିରାପଦ ତଥା ଆର୍ଥିକ ଦୃଷ୍ଟିକୋଣରୁ ସୁଲଭ ଉପାୟ ଉପରେ ଆଲୋଚନା କରିଥିଲେ।ନିଜ ବକ୍ତବ୍ୟରେ ମନ୍ତ୍ରୀ କହିଥିଲେ, ଦ୍ରୁତ ସହରୀକରଣ ପରିପ୍ରେକ୍ଷୀରେ ପ୍ରଭାବଶାଳୀ ବ୍ୟବହୃତ ଜଳ ପରିଚାଳନାର ବର୍ଦ୍ଧିତ ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ମନ୍ତ୍ରୀ ସ୍ଥାୟୀ ପ୍ରଯୁକ୍ତିବିଦ୍ୟା ମାଧ୍ୟମରେ ବିଶୋଧିତ ବର୍ଜ୍ୟଜଳ ଓ ସ୍ଲଜ୍ (କାଦୁଅ/ଅବଶେଷ)ର ନିରାପଦ ଓ ମିତବ୍ୟୟୀ ପରିଚାଳନାକୁ ଗୁରୁତ୍ୱ ଦିଅନ୍ତୁ। ଏଥିପାଇଁ ସରକାରୀ ସଂସ୍ଥା, ବୈଷୟିକ ପ୍ରତିଷ୍ଠାନ, କ୍ଷେତ୍ରୀୟ କାର୍ଯ୍ୟକର୍ତ୍ତା ଏବଂ ପ୍ରଯୁକ୍ତିବିଦ୍ୟା ପ୍ରଦାନକାରୀଙ୍କ ମଧ୍ୟରେ ସମନ୍ୱିତ ପ୍ରୟାସର ଆବଶ୍ୟକତା ରହିଛି ବୋଲି ମନ୍ତ୍ରୀ ଡଃ ମହାପାତ୍ର ଦର୍ଶାଇଥିଲେ। ଆଇଆଇଟି ରୁରକିର ହାଇଡ୍ରୋଲୋଜି ବିଭାଗର ପ୍ରଫେସର ଭାସ୍କର ଜ୍ୟୋତି ଡେକା ପୁନଃବ୍ୟବହାର ଏବଂ ସମ୍ପଦ ପୁନରୁଦ୍ଧାର ପାଇଁ ଅଭିନବ ବର୍ଜ୍ୟଜଳ ବିଶୋଧନ ପ୍ରକ୍ରିୟା ଉପରେ ବକ୍ତବ୍ୟ ରଖିଥିଲେ । ଆଇଆଇଟି ଭୁବନେଶ୍ୱରର ପ୍ରଫେସର ରାଜେଶ ରୋଶନ ଦାଶ ନୂତନ ଏରୋବିକ୍ ଏବଂ ଅନ୍-ଏରୋବିକ୍ ବର୍ଜ୍ୟଜଳ ବିଶୋଧନ ପ୍ରକ୍ରିୟା ଏବଂ ସହରାଂଚଳ ବର୍ଜ୍ୟଜଳ ପରିଚାଳନାର ପରିବର୍ତ୍ତିତ ଆବଶ୍ୟକତା ପୂରଣ କରିବାରେ ଏହାର ପ୍ରୟୋଗ ଉପରେ ଆଲୋଚନା କରିଥିଲେ। ପୌରସଂସ୍ଥାଗୁଡ଼ିକର ଆର୍ଥିକ କ୍ଷମତା ବୃଦ୍ଧି କଲେ ରାଜ୍ୟ ସରକାର କାଉନସିଲ ଅନ୍ ଏନର୍ଜି, ଏନଭାଇରନମେଂଟ ଆଣ୍ଡ ୱାଟରର ଡଃ ନୀତିନ ବାସି ବିଶୋଧିତ ବର୍ଜ୍ୟଜଳର ପୁନଃବ୍ୟବହାର ସମ୍ପର୍କିତ ନୀତି ଉପରେ ମତ ରଖିଥିଲେ।


## ଆବଶ୍ୟକ

ଉତ୍କଳ ସମାଚାର

The Utkal Samachar

www.theutkalsamachar.com

ଦୈନିକ 'ଉତ୍କଳ ସମାଚାର'ର ସମସ୍ତ ଜିଲ୍ଲା ପାଇଁ: ଜିଲ୍ଲାସ୍ତରୀୟ ସାମ୍ବାଦିକ ଆବଶ୍ୟକ । ଇଚ୍ଛୁକ ପ୍ରାର୍ଥୀ ନିମ୍ନ ଠିକଣାରେ ଯୋଗାଯୋଗ କରିପାରିବେ ।

Address:Qrs No-B/204,
Sec-16,Rourkela,
Mob:9692048008
Email: utkalsamachar@gmail.com


## ଚା'ରେ ନିଶା ଦେଇ ୫ ଲକ୍ଷ ଲୁଟ୍ !

ଯାଜପୁର,୨୪/୮(ନି/ପ୍ର): ଚା'ରେ ନିଶା ଦେଇ ଲୁଟିନେଲେ ୫ ଲକ୍ଷ ଟଙ୍କା। ଯାଜପୁର ରୋଡ୍ ଅଚଂଳରେ ସାମ୍ନାକୁ ଆସିଛି ଏଭଳି ଘଟଣା।ଯାତ୍ରୀଙ୍କ ସହ ପ୍ରଥମେ ବନ୍ଧୁତା କଲେ ଏବଂ ପରେ ଚା'ରେ ନିଶା ଦେଇ ଲୁଟିଲେ।ଲୁଟ୍‌ର ଶିକାରହୋଇଛନ୍ତି କେନ୍ଦ୍ରାପଡ଼ାର ତପନ ରାଉତ। ଅଭିଯୋଗ ପରେ ପୁରୀରୁ ଅଭିଯୁକ୍ତକୁ ଗିରଫ କରିଛି ଯାଜପୁର ରୋଡ ଥାନା ପୁଲିସ । ଗିରଫ ଅଭିଯୁକ୍ତ କଟକର ପ୍ରମୋଦ ଦାସ ।ଗିରଫ ପରେ ପୁଲିସ ତାଙ୍କ ଘରେ ଚଢ଼ାଉ କରି ଲୁଟ୍ ଟଙ୍କାରେ କିଣାଯାଇଥିବା ସୁନା ମଙ୍ଗଳସୂତ୍ର, ରୁପା ଚେନ୍, ଫ୍ରିଜ୍, କୁଲର, ଖଟ, ଡ୍ରେସିଂ ଟେବୁଲ ସହିତ ବିଭିନ୍ନ ଘରକରଣା ସାମଗ୍ରୀ ଜବତ କରିଛି ।

## ବୁନ୍ଦାଏ ବି ତେଲ ଛାଡିବୁ ନାହିଁ: ଆମେରିକାକୁ ନାଲି ଆଖି ଦେଖାଇଲା ଇରାନ



ତେହେରାନ,୨୪/୮:ଇରାନ ଏବଂ ଆମେରିକା ମଧ୍ୟରେ ଉତ୍ତେଜନା କମିବାର କୌଣସି ସଙ୍କେତ ଦେଖାଯାଉନାହିଁ। ହର୍ମୁଜ୍ ପ୍ରଣାଳୀରେ ଆକ୍ରମଣ ବନ୍ଦ ହୋଇଥିଲେ ମଧ୍ୟ ଉଭୟ ପକ୍ଷରୁ ଲଗାତାର ବୟାନବାଜି ଜାରି ରହିଛି। ଫଳରେ ଉପସାଗରରେ ଉତ୍ତେଜନା ବୃଦ୍ଧି ପାଇଛି। ଇରାନର ସର୍ବୋଚ୍ଚ ସୁରକ୍ଷା ସଂସ୍ଥାର ନୂତନ ମୁଖ୍ୟ ମୋହସେନ ରେଜାଇ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଇରାନର ପଡ଼ୋଶୀମାନଙ୍କୁ କଠୋର ଚେତାବନୀ ଜାରି କରିଛନ୍ତି। ତାଙ୍କ ବକ୍ତବ୍ୟକୁ ଇରାନର ସରକାରୀ ଗଣମାଧ୍ୟମ ସେୟାର କରିଛି। ସେ ଚେତାବନୀ ଦେଇଛନ୍ତି ଯେ,ଆମେରିକାର ନୂତନ କଠୋର ଆର୍ଥିକ ପଦକ୍ଷେପ ପାଇଁ ଯେକୌଣସି ଦେଶର ସମର୍ଥନକୁ ଇରାନ ଯୁଦ୍ଧ କାର୍ଯ୍ୟ ଭାବରେ ବିବେଚନା କରିବ। ସେ ଏହା ମଧ୍ୟ କହିଛନ୍ତି ଯେ ଯଦି ଆମେରିକାର ପ୍ରତିବନ୍ଧକ ଜାରି ରହେ, ତେବେ ଇରାନ ଉପସାଗରର ଯେକୌଣସି ସ୍ଥାନରୁ ତୈଳ ରପ୍ତାନିକୁ ଅବରୋଧ କରିବ। ଟ୍ରମ୍ପ କିଛି ପଦକ୍ଷେପ ନେଲେ ଆମେ ଜୋରଦାର ଜବାବ ଦେବୁ। ଇରାନ ପର୍ସିଆନ୍ ଗଲ୍ଫ ଦେଇ ହର୍ମୁଜ୍ ପ୍ରଣାଳୀର ବିକଳ୍ପ ଭାବରେ ବିବେଚନା କରାଯାଉଥିବା ଅନ୍ୟାନ୍ୟ ତୈଳ ପରିବହନ ମାର୍ଗଗୁଡ଼ିକୁ ଟାର୍ଗେଟ କରିବ। ଆମେ ହର୍ମୁଜ ଏବଂ ପାରସ୍ୟରୁ ବୁନ୍ଦାଏ ବି ତେଲ ବାହାରକୁ ଯିବାକୁ ଦେବୁ ନାହିଁ। ଚଳିତ ମାସରେ ଏହି ପଦବୀରେ ନିଯୁକ୍ତ ହେବା ପରେ ଏହା ରେଜାଇଙ୍କର ଦ୍ୱିତୀୟ ବଡ଼ ଚେତାବନୀ। ଦଶନ୍ଧି ଧରି ପ୍ରତିବନ୍ଧକର ସମ୍ମୁଖୀନ ହେଉଥିବା ଇରାନ ବିରୋଧରେ ଆମେରିକା ଆର୍ଥିକ ଯୁଦ୍ଧ ଘୋଷଣା କରି ଏକ ଘରିକିଆ କରିବାକୁ ଯୋଜନା କରୁଛି। ସୋମବାର ଦିନ ଆମେରିକାର ଅର୍ଥମନ୍ତ୍ରୀ ସ୍କଟ୍ ବେସାଂଟ ନୂତନ କଟକଣା ସମ୍ପର୍କରେ ଘୋଷଣା କରିବେ ବୋଲି କୁହାଯାଉଛି। ଏହି ସମୟରେ, ସମାଧାନ ପାଇଁ ମଧ୍ୟ ପ୍ରୟାସ ଚାଲିଛି। ପାକିସ୍ତାନର ସେନା ମୁଖ୍ୟ ଅସୀମ ମୁନିର ଆଲୋଚନା ଆରମ୍ଭ କରିବା ପାଇଁ ମଧ୍ୟସ୍ଥତା ଭାବରେ ଇରାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ଇରାନର ସରକାରୀ ଟିଭି ଇରାନର ବୈଦେଶିକ ମନ୍ତ୍ରଣାଳୟର ମୁଖପାତ୍ର ଇସମାଇଲ ବାଘାଇଙ୍କ ବକ୍ତବ୍ୟ ଆଧାରରେ କହିଛି ଯେ, ମୁନିର ସୋମବାର ତେହେରାନରେ ପହଚଁଛନ୍ତି। ଏହି ଗସ୍ତକୁ ଆମେରିକା ଏବଂ ଇରାନ ମଧ୍ୟରେ ଉତ୍ତେଜନା କମ କରିବା ଏବଂ ଆଲୋଚନା ଟେବୁଲକୁ ପୁଣି ଫେରିବା ପାଇଁ ଇସଲାମାବାଦର ପ୍ରୟାସ।

## ଲଗାଣ ବର୍ଷାରେ ଇନ୍ଦ୍ରାବତୀ ନଦୀର ପାଣି ବଢ଼ିଲା



### ୨ ଗ୍ରାମର ୧୫୦୦ ଲୋକ ଜଳବନ୍ଦୀ

କୋଷାଗୁମୁଡା/କୋଡିଙ୍ଗା,୨୪/୮(ନି/ପ୍ର): ନବରଙ୍ଗପୁରଜିଲ୍ଲା କୋଷାଗୁମୁଡା ବ୍ଲକରେ ଲଗାଣ ବର୍ଷାଯୋଗୁ ଇନ୍ଦ୍ରାବତୀ ଓ ଭାସ୍କେଲ ନଦୀରେ ପାଣି ବୃଦ୍ଧି ପାଇବାରେ ଲାଗିଛି। ଗତ ରାତିରେ ଇନ୍ଦ୍ରାବତୀ ନଦୀରେ ପାଣି ବୃଦ୍ଧି ପାଇବା ଯୋଗୁ କୋଷାଗୁମୁଡା ବ୍ଲକର ନଦୀ କୂଳିଆ ଗ୍ରାମ କଟାଂଷରଗୁଡା ଓ ଘାଟୱାଲୀଗୁଡାର ୧୫୦୦ ଲୋକ ଜଳବନ୍ଦୀହୋଇ ରହିଛନ୍ତି। ଏବେ ସୁଦ୍ଧା କୌଣସି ପ୍ରଶାସନିକ ଅଧିକାରୀ ଗ୍ରାମରେ ପହଚିଂ ନଥିବା ଗ୍ରାମବାସୀ କହିଛନ୍ତି। ଏହି ଭଳି ପ୍ରତିବର୍ଷ ଇନ୍ଦ୍ରାବତୀ ନଦୀରେ ପାଣି ବଢିଲେ ଦୁଇ ଗ୍ରାମ ବାହ୍ୟଜଗତରୁ ବିଚ୍ଛିନ୍ନ ହୋଇଯାଉଛି। ପାଣି ଶୀଘ୍ର ନକମିଲେ ଫସଲ ନଷ୍ଟ ହେଉଛି, ଏଥିରେ ଗ୍ରାମବାସୀଙ୍କ ଆର୍ଥିକ ମେରୁଦଣ୍ଡ ଭୁଶୁଡ଼ି ଯାଉଛି।

## ପ୍ରତିବାଦକାରୀଙ୍କୁ ସମର୍ଥନ କଲେ ମୁଖ୍ୟମନ୍ତ୍ରୀ ବିଜୟ:

### ବିମାନବନ୍ଦର ପ୍ରକଳ୍ପ ବାତିଲ କରିବାକୁ ନିର୍ଦ୍ଦେଶ



ଚେନ୍ନାଇ,୨୪/୮ :ତାମିଲନାଡୁ ମୁଖ୍ୟମନ୍ତ୍ରୀ ସି ଯୋଶେଫ ବିଜୟ ଏକ ବଡ଼ ନିଷ୍ପତ୍ତି ନେଇଛନ୍ତି। ସେ ପାରାନ୍ଦୁର ବିମାନବନ୍ଦର ପ୍ରକଳ୍ପକୁ ବାତିଲ କରିବା ସମ୍ପର୍କରେ ବିଧାନସଭାରେ ଘୋଷଣା କରିଛନ୍ତି। ବିମାନବନ୍ଦର ପ୍ରକଳ୍ପ ବାତିଲ ହେବା ଶାସକ ଟିଭିକେ ଏବଂ ବିରୋଧୀ ଡିଏମକେ ମଧ୍ୟରେ ବିବାଦର ଏକ ନୂତନ ପ୍ରସଙ୍ଗ ପାଲଟିଛି। ମୁଖ୍ୟମନ୍ତ୍ରୀ ବିଧାନସଭାରେ କହିଛନ୍ତି, ଭାରତୀୟ ବିମାନବନ୍ଦର ପ୍ରାଧିକରଣ ଦ୍ୱାରା ପରିଚାଳିତ ଚେନ୍ନାଇର ମୀନାମ୍ବକ୍କମ ବିମାନବନ୍ଦରରେ ବର୍ତ୍ତମାନ ବାର୍ଷିକ ୩ କୋଟି ଯାତ୍ରୀଙ୍କୁ ପରିଚାଳନା କରିବାର କ୍ଷମତା ରହିଛି। ସହରର ବର୍ଦ୍ଧିତ ଆବଶ୍ୟକତା, ଶିଳ୍ପ ବିକାଶ ଏବଂ ମାଲ୍ ପରିବହନକୁ ପୂରଣ କରିବା ପାଇଁ ଏକ ନୂତନ ବିମାନବନ୍ଦରର ଆବଶ୍ୟକତା ରହିଛି। ସେ ନୂତନ ବିମାନବନ୍ଦର ପାଇଁ ଏକ ବିକଳ୍ପ ସ୍ଥାନ ଚିହ୍ନଟ କରିବାକୁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ତେବେ ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି, ନୂତନ ବିମାନବନ୍ଦର ଏପରି ସ୍ଥାନରେ ନିର୍ମାଣ କରାଯିବା ଉଚିତ୍ ଯାହା ଦ୍ୱାରା କୃଷି ଜମି ଏବଂ ଆବାସିକ ଅଚଂଳ ଉପରେ ସର୍ବନିମ୍ନ ପ୍ରଭାବ ପଡ଼ିବ। ସେ କହିଛନ୍ତି, ୨୦ ଜାନୁଆରି ୨୦୨୫ରେ ମୁଁ ଏକାନାପୁରମ ଏବଂ ଆଖପାଖ ଗ୍ରାମ ପରିଦର୍ଶନ କରି ପାରାନ୍ଦୁରରେ ପ୍ରସ୍ତାବିତ ବିମାନବନ୍ଦରକୁ ବିରୋଧ କରୁଥିବା ୧୨ ଗ୍ରାମବାସୀଙ୍କ କଥା ଶୁଣିଥିଲି। ବିମାନବନ୍ଦର ନିର୍ମାଣକୁ ବିରୋଧ କରୁଥିବା ଲୋକଙ୍କ ସହିତ ମୁଁ ଦୃଢ଼ ଭାବରେ ଠିଆ ହୋଇଛି। ବିଜୟ କହିଛନ୍ତି, କୃଷକମାନେ ଦେଶର ମେରୁଦଣ୍ଡ। ମୁଁ ସେମାନଙ୍କ କୃଷି ଜମିକୁ ସୁରକ୍ଷା ଦେବା ପାଇଁ ପ୍ରତିବାଦ କରୁଥିବା ଲୋକଙ୍କୁ ସମର୍ଥନ କରୁଛି। ସେ ଅକ୍ଟୋବର ୨୦୨୪ରେ ବିକ୍ରାବଣ୍ଡିରେ ଏକ ସାଧାରଣ ସଭାରେ ମଧ୍ୟ ଏହି ପ୍ରକଳ୍ପକୁ ବିରୋଧ କରିଥିଲେ। ଏହି ପ୍ରକଳ୍ପ ପାରାନ୍ଦୁରରେ ନିର୍ମାଣ କରାଯିବା ଉଚିତ୍ ନୁହେଁ ଏବଂ ସରକାରଙ୍କୁ ଏନେଇ ପୁନର୍ବିଚାର କରିବା ଉଚିତ୍ ବୋଲି କହିଥିଲେ। ପୂର୍ବତନ ମନ୍ତ୍ରୀ ଏବଂ ଡିଏମକେ ନେତା ଥାଙ୍ଗମ ଥେନାରାସୁ ମୁଖ୍ୟମନ୍ତ୍ରୀ ବିଜୟଙ୍କ ନିଷ୍ପତି ଉପରେ ମତ ଦେଇ କହିଛନ୍ତି, ତାମିଲନାଡୁର ଆର୍ଥିକ ପ୍ରଗତି ପାଇଁ ଏହି ବିମାନବନ୍ଦର ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଏବଂ ଅତ୍ୟାବଶ୍ୟକ।

## ମୋଦି-ଟ୍ରମ୍ପ ବୈଠକରେ ପ୍ରଶ୍ନ ଚାହୁଁନଥିଲା ଭାରତ !

### ବଡ଼ ଦାବି କଲେ ଆମେରିକୀୟ ରାଜଦୂତ



ୱାସିଂଟନ,୨୪/୮: ମୋଦୀ-ଟ୍ରମ୍ପ ବୈଠକକୁ ନେଇ ଆମେରିକୀୟ ରାଜଦୂତ ସର୍ଜିଓ ଗୋରଙ୍କ ବଡ଼ ଦାବି । ଭାରତୀୟ ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ମିଡିଆକୁ ପ୍ରଶ୍ନ ପଚାରିବାର ସୁଯୋଗ ନଦେବାକୁ ଅନୁରୋଧ କରାଯାଇଥିଲା ବୋଲି ଗୋର କହିଛନ୍ତି । ଗୋରଙ୍କ କହିବା ଅନୁସାରେ, ଫ୍ରାନ୍ସରେ ଜି-୭ ସମ୍ମିଳନୀ ସମୟରେ ପ୍ରଧାନମନ୍ତ୍ରୀ ମୋଦୀ ଓ ଆମେରିକୀୟ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ବୈଠକ ପୂର୍ବରୁ ଏହି ଆଲୋଚନା ହୋଇଥିଲା । ଭାରତ ପକ୍ଷରୁ ମିଡିଆକୁ ଆସିବାକୁ ଅନୁମତି ଦେବା, କିନ୍ତୁ ପୂର୍ଣ୍ଣ ପ୍ରେସ୍ କନଫରେନ୍ସ ନକରିବା ପାଇଁ ଅନୁରୋଧ ଥିଲା ବୋଲି ସେ ଦାବି କରିଛନ୍ତି । ଗୋର କହିଛନ୍ତି, ସେ ଟ୍ରମ୍ପଙ୍କୁ କହିଥିଲେ ଯେ ଭାରତୀୟ ପକ୍ଷ ପ୍ରଶ୍ନ ଚାହୁଁନାହାନ୍ତି । ଟ୍ରମ୍ପ ମଧ୍ୟ ପ୍ରଥମେ ଏଥିରେ ସହମତ ହୋଇଥିଲେ। କିନ୍ତୁ ବୈଠକ ପରେ ଦୁଇ ନେତା ମିଡିଆ ସାମ୍ନାରେ କିଛି ସମୟ କଥା ରଖିବା ପରେ ଟ୍ରମ୍ପ ହଠାତ୍ ସାମ୍ବାଦିକମାନଙ୍କ ଆଡ଼କୁ ଦେଖି 'କୌଣସି ପ୍ରଶ୍ନ ଅଛି କି ?' ବୋଲି ପଚାରିଥିଲେ। ଏହାପରେ ମିଡିଆ ସହ ପ୍ରାୟ ୪୫ ମିନିଟ୍‌ର ଆଲୋଚନା ହୋଇଥିବା ଗୋର ଦାବି କରିଛନ୍ତି । ଏହି ସମୟରେ ଦୁଇ ଦେଶର ସମ୍ପର୍କ ସମେତ ବିଭିନ୍ନ ପ୍ରସଙ୍ଗ ଉପରେ ପ୍ରଶ୍ନ ହୋଇଥିଲା । ତେବେ ଆମେରିକୀୟ ରାଜଦୂତଙ୍କ ଏହି ଦାବି ଉପରେ ଭାରତ ସରକାର କିମ୍ବା ବିଦେଶ ମନ୍ତ୍ରଣାଳୟ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଆଧିକାରିକ ପ୍ରତିକ୍ରିୟା ଆସିନାହିଁ ।

## ଭେଣ୍ଟିଲେଟରରୁ ନିଆଁ ଲାଗି ପୋଡି ଗଲେ ୩ ନବଜାତ

ମୁମ୍ବାଇ,୨୪/୮: ହସ୍ପିଟାଲ ନିଆଁରେ ଚାଲିଗଲା ୩ ନବଜାତଙ୍କ ଜୀବନ। ଏଭଳି ଛାତିଥରା ଘଟଣା ମହାରାଷ୍ଟ୍ରର ଅମରାବତୀରୁ ସାମ୍ନାକୁ ଆସିଛି। ସୋମବାର ସକାଳେ ମହାରାଷ୍ଟ୍ରର ଅମରାବତୀରେ ଥିବା ଜିଲ୍ଲା ମହିଳା ହସ୍ପିଟାଲର ନବଜାତ ସଘନ ଯତ୍ନ ୟୁନିଟ୍ (ଏନଆଇସିୟୁ)ରେ ଅଗ୍ନିକାଣ୍ଡ ଘଟି ତିନି ନବଜାତ ଶିଶୁଙ୍କର ମୃତ୍ୟୁ ଘଟିଛି। ଏହି ଘଟଣା ସମୟରେ, ହସ୍ପିଟାଲର ଡାକ୍ତର, ନର୍ସ ଏବଂ କର୍ମଚାରୀମାନେ ଅନେକ ଶିଶୁଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ। ପ୍ରାଥମିକ ସୂଚନା ଅନୁଯାୟୀ, ସୋମବାର ଭୋର ପ୍ରାୟ ସାଢ଼େ ତିନିଟା ସମୟରେ ହସ୍ପିଟାଲର ତୃତୀୟ ମହଲାରେ ଅବସ୍ଥିତ ଏନଆଇସିୟୁରେ ହଠାତ୍ ବିସ୍ଫୋରଣ ଘଟି ସମଗ୍ର ୱାର୍ଡରେ ନିଆଁ ଏବଂ ଧୂଆଁ ବ୍ୟାପିଯାଇଥିଲା। ରିପୋର୍ଟ ଅନୁଯାୟୀ ବିସ୍ଫୋରଣ ଏକ ଭେଣ୍ଟିଲେଟରରୁ ଆରମ୍ଭ ହୋଇଥିଲା, ଯାହା ପରେ ନିଆଁ ଲାଗି ଯାଇଥିଲା। ଘଟଣା ସମୟରେ ଏନଆଇସିୟୁରେ ମୋଟ ୩୯ ଜଣ ନବଜାତ ଶିଶୁଙ୍କୁ ଚିକିତ୍ସା କରାଯାଉଥିଲା। ନିଆଁ ଏବଂ ଧୂଆଁ ବ୍ୟାପିବା ମାତ୍ରେ, ଡାକ୍ତର, ନର୍ସ ଏବଂ ଡ୍ୟୁଟିରେ ଥିବା ଅନ୍ୟ ହସ୍ପିଟାଲ କର୍ମଚାରୀମାନେ ତୁରନ୍ତ ଶିଶୁମାନଙ୍କୁ ୱାର୍ଡରୁ ବାହାର କରିବାକୁ ଆରମ୍ଭ କରିଥିଲେ। ହସ୍ପିଟାଲ କର୍ମଚାରୀମାନେ ଅଧିକାଂଶ ନବଜାତ ଶିଶୁଙ୍କୁ ସୁରକ୍ଷିତ ଭାବରେ ବାହାର କରିଥିଲେ ଏବଂ ସେମାନଙ୍କୁ ନିଆଁ ଏବଂ ଧୂଆଁରୁ ବାହାର କରିଥିଲେ। ମାତ୍ର ତିନି ଜଣ ନବଜାତ ଶିଶୁ ଗୁରୁତର ପୋଡ଼ିଯାଇଥିଲେ ଏବଂ ପରେ ମୃତ୍ୟୁବରଣ କରିଥିଲେ।

## କୈଜିଆ ଲିଜ୍ ମେଜୋଙ୍କୁ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ମୁକୁଟ



ଜୟପୁର,୨୪/୮: କେରଳର ୧୯ ବର୍ଷୀୟ କୈଜିଆ ଲିଜ୍ ମେଜୋ 'ମିସ୍ ୟୁନିଭର୍ସ ଇଣ୍ଡିଆ ୨୦୨୬'ର ମୁକୁଟ ହାସଲ କରିଛନ୍ତି। ରବିବାର ରାତିରେ ରାଜସ୍ଥାନର ଜୟପୁରସ୍ଥିତ ଜି ଷ୍ଟୁଡିଓଜ୍‌ରେ ଆୟୋଜିତ ଭବ୍ୟ ଫାଇନାଲରେ ସେ ଦେଶର ୫୨ ଜଣ ପ୍ରତିଯୋଗୀଙ୍କୁ ପଛରେ ପକାଇ ଏହି ସଫଳତା ହାସଲ କରିଛନ୍ତି। ପ୍ରତିଯୋଗିତାର ଟପ୍-୫ରେ ତାମିଲନାଡୁର ବୈଷ୍ଣବୀ ଗଣେଶ, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ, କେରଳର କୈଜିଆ ଲିଜ୍ ମେଜୋ, ଗୁଜରାଟର ଅନୁଶ୍ରୀ ସତୱାଲେକର ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ସ୍ଥାନ ପାଇଥିଲେ। ଶେଷ ପର୍ଯ୍ୟାୟରେ ୪୦ ସେକେଣ୍ଡ ମଧ୍ୟରେ କ୍ଲୋଜିଂ ରିମାର୍କ ଦେବାର ଚ୍ୟାଲେଞ୍ଜରେ କୈଜିଆ ନିଜର ଦକ୍ଷତା ପ୍ରମାଣ କରି ବିଜୟୀ ହୋଇଥିଲେ। ଫାଇନାଲରେ କୈଜିଆ ଏବଂ ବୈଷ୍ଣବୀ ଗଣେଶଙ୍କ ମଧ୍ୟରେ କଡ଼ା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଉଭୟେ ଟପ୍-୨ରେ ପହଚିଂ ଥିଲେ। ଶେଷରେ କୈଜିଆ ବିଜୟୀ ହୋଇଥିବାବେଳେ ବୈଷ୍ଣବୀ ଫାଷ୍ଟ ରନର୍ସ-ଅପ୍ ହୋଇଛନ୍ତି। ଗୁଜରାଟର ଅନୁଶ୍ରୀ ସତୱାଲେକର ସେକେଣ୍ଡ ରନର୍ସ-ଅପ୍, ମହାରାଷ୍ଟ୍ରର ତେଜସ୍ୱିନୀ ଶ୍ରୀବାସ୍ତବ ଥାର୍ଡ ରନର୍ସ-ଅପ୍ ଏବଂ ଉତ୍ତରାଖଣ୍ଡର ଅନୁଭା ବଶିଷ୍ଠ ଚତୁର୍ଥ ରନର୍ସ-ଅପ୍ ହୋଇଛନ୍ତି। ପୂର୍ବତନ ମିସ୍ ୟୁନିଭର୍ସ ଇଣ୍ଡିଆ ମନିକା ବିଶ୍ୱକର୍ମା ବିଜୟୀ କୈଜିଆଙ୍କୁ ତାଜ ପିନ୍ଧାଇଥିଲେ। କୈଜିଆ ଲିଜ୍ ମେଜୋ ଜଣେ ଲ' ଷ୍ଟୁଡେଂଟ, ମଡେଲ୍ ଏବଂ ପ୍ରଶିକ୍ଷିତ ଶାସ୍ତ୍ରୀୟ ନୃତ୍ୟଶିଳ୍ପୀ। ଏହାପୂର୍ବରୁ ସେ 'ମିସ୍ ଟିନ୍ ଇଂଟରନ୍ୟାସନାଲ୍'ରେ ଭାରତକୁ ପ୍ରତିନିଧିତ୍ୱ କରି ଫାଷ୍ଟ ରନର୍ସ-ଅପ୍ ହୋଇଥିଲେ। ଏହାସହ ସେ 'ମିସ୍ ୟୁନିଭର୍ସ କେରଳ ୨୦୨୬'ର ମୁକୁଟ ମଧ୍ୟ ଜିତିଥିଲେ। ଏବେ ନଭେମ୍ବର ୨୦୨୬ରେ ପ୍ୟୁର୍ଟୋ ରିକୋରେ ହେବାକୁ ଥିବା 'ମିସ୍ ୟୁନିଭର୍ସ ୨୦୨୬'ରେ ସେ ଭାରତକୁ ପ୍ରତିନିଧିତ୍ୱ କରିବେ। ଜୟପୁରରେ ଆୟୋଜିତ ଏହି ପ୍ରତିଷ୍ଠିତ ସୌନ୍ଦର୍ଯ୍ୟ ପ୍ରତିଯୋଗିତାର ବିଚାରକ ମଣ୍ଡଳୀରେ ଅଭିନେତ୍ରୀ ତଥା ପୂର୍ବତନ ମିସ୍ ୟୁନିଭର୍ସ ସୁସ୍ମିତା ସେନ୍, ଉର୍ବଶୀ ରୌତେଲା ଏବଂ ସେଲିନା ଜେଟଲୀଙ୍କ ସମେତ ଫିଲ୍ମମେକର ପ୍ରଜ୍ଞା କପୁର ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିମାନେ ସାମିଲ ଥିଲେ। ମିସ୍ ୟୁନିଭର୍ସ ଇଣ୍ଡିଆ ପ୍ରତିଯୋଗିତାର ଏହା ଥିଲା ତୃତୀୟ ସଂସ୍କରଣ।

## ପ୍ରବଳ ବର୍ଷା ଯୋଗୁଁ ଦିଲ୍ଲୀ ଜଳବନ୍ଦୀ

ନୂଆଦିଲ୍ଲୀ,୨୪/୮ :ରାଜଧାନୀରେ ଲାଗି ରହିଥିବା ବର୍ଷା କାରଣରୁ ଜନଜୀବନ ହନ୍ତସନ୍ତ। ବର୍ଷା ଯୋଗୁଁ ଦିଲ୍ଲୀ-ଏନସିଆରରେ ପାଗ ପରିବର୍ତ୍ତନ ହୋଇଛି। ମେଘ ଏବଂ ବର୍ଷା ଗରମରୁ କିଛି ଆଶ୍ୱସ୍ତି ଆଣିଛି। ମାତ୍ର ଜଳବନ୍ଦୀ ଏବଂ ନିରନ୍ତର ବର୍ଷା ଅନେକ ବିମାନ ଉଡ଼ାଣକୁ ବାଧା ଦେଇଛି। ସୋମବାର ଦିନ ଦିଲ୍ଲୀ ଏବଂ ଏନସିଆରରେ ବର୍ଷା ହେବାର ପୂର୍ବାନୁମାନ କରିଥିଲା ପାଣିପାଗ ବିଭାଗ। ଏହି ପୂର୍ବାନୁମାନ ପରେ, ଦିଲ୍ଲୀ, ନୋଏଡା ଏବଂ ଗାଜିଆବାଦ ସମେତ ସମଗ୍ର ଏନସିଆରରେ ପ୍ରବଳ ବର୍ଷା ହୋଇଥିଲା। ଦିଲ୍ଲୀରେ ଘଣ୍ଟା ପ୍ରତି ୬୦ କିଲୋମିଟର ବେଗରେ ପବନ ବହିବା ସହିତ ପ୍ରବଳ ବର୍ଷା ହୋଇଥିଲା। ଏହି ପ୍ରବଳ ପବନ ଏବଂ ବର୍ଷା ଅନେକ ଅଚଂଳରେ ଆଶ୍ୱସ୍ତି ଆଣିଥିଲା।

## ବଙ୍ଗୋପସାଗରରେ ଲଘୁଚାପ କ୍ଷେତ୍ର ସୃଷ୍ଟି:

### ଓଡ଼ିଶା ଏବଂ ବିହାର ସମେତ ଅନେକ ରାଜ୍ୟରେ ପ୍ରବଳ ବର୍ଷା ପୂର୍ବାନୁମାନ



ନୂଆଦିଲ୍ଲୀ,୨୪/୮: ଉତର-ପଶ୍ଚିମ ବଙ୍ଗୋପସାଗର ଉପରେ ୨୪ ଅଗଷ୍ଟରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହୋଇଛି। ଯାହା ଉତର-ପଶ୍ଚିମ ଦିଗକୁ ଗତି କରି ଉତର ଓଡ଼ିଶା ଏବଂ ପଶ୍ଚିମବଙ୍ଗର ସଂଲଗ୍ନ ଗାଙ୍ଗେୟ ସମତଳ ଅଚଂଳ ଦେଇ ଅତିକ୍ରମ କରିବାର ସମ୍ଭାବନା ଅଛି। ଏନେଇ ୪ଟି ରାଜ୍ୟରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଥିବା ବେଳେ ୧୦ରୁ ଅଧିକ ରାଜ୍ୟରେ ପ୍ରବଳ ବର୍ଷା ପାଇଁ ୟେଲୋ ଆଲର୍ଟ ଜାରି କରାଯାଇଛି।ପାଣିପାଗ ବିଭାଗ ଅନୁଯାୟୀ, ପୂର୍ବ, ମଧ୍ୟ ଏବଂ ଉତର-ପଶ୍ଚିମ ଭାରତରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ଓଡ଼ିଶା, ଛତିଶଗଡ଼ ଏବଂ ପୂର୍ବ ମଧ୍ୟପ୍ରଦେଶରେ ବିଚ୍ଛିନ୍ନ ଭାବରେ ପ୍ରବଳ ବର୍ଷା ପାଇଁ ଅରେଞ୍ଜ ଆଲର୍ଟ ଜାରି କରାଯାଇଛି। ଏହା ବ୍ୟତୀତ, ପୂର୍ବ ଏବଂ ଉତ୍ତର-ପୂର୍ବ ଭାରତର ପଶ୍ଚିମବଙ୍ଗ, ଝାଡ଼ଖଣ୍ଡ, ବିହାର ଏବଂ ଅରୁଣାଚଳ ପ୍ରଦେଶ, ଆସାମ ଏବଂ ମେଘାଳୟର ଗାଙ୍ଗେୟ ସମତଳ ଭୂମି ଏବଂ ନାଗାଲ୍ୟାଣ୍ଡ, ମଣିପୁର, ମିଜୋରାମ, ତ୍ରିପୁରାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି। ମଧ୍ୟ ଏବଂ ଉତର-ପଶ୍ଚିମ ଭାରତରେ, ପଶ୍ଚିମ ମଧ୍ୟ ପ୍ରଦେଶ, ବିଦର୍ଭ, ଉତରାଖଣ୍ଡ ଏବଂ ପୂର୍ବ ଉତ୍ତର ପ୍ରଦେଶରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ସେହିପରି ପଶ୍ଚିମ ଏବଂ ଦକ୍ଷିଣ ଭାରତରେ, ମଧ୍ୟ ମହାରାଷ୍ଟ୍ରର ଘାଟ ଅଚଂଳ, ଉପକୂଳ ଆନ୍ଧ୍ର ପ୍ରଦେଶ ଏବଂ ୟାନମ୍, ତାମିଲନାଡୁ, ପୁଡୁଚେରୀ ଏବଂ କରିକାଲରେ ମଧ୍ୟ ପ୍ରବଳ ବର୍ଷା ହେବାର ପୂର୍ବାନୁମାନ କରାଯାଇଛି। ଏହା ସହିତ ଉପକୂଳ କର୍ଣ୍ଣାଟକ, କେରଳ ଏବଂ ମାହେ, ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ ପ୍ରବଳ ବର୍ଷା ହେବାର ସମ୍ଭାବନା ଅଛି। ଅଗଷ୍ଟ ୨୪ ତାରିଖରେ ବିହାରରେ ମଧ୍ୟମରୁ ପ୍ରବଳ ବଜ୍ରପାତ କାର୍ଯ୍ୟକଳାପ ପାଇଁ ଏକ ପ୍ରବଳ ବଜ୍ରପାତ ଚେତାବନୀ ଜାରି କରାଯାଇଛି। ପଶ୍ଚିମ ହିମାଳୟ ଅଚଂଳ, ପୂର୍ବ ରାଜସ୍ଥାନ, ମଧ୍ୟପ୍ରଦେଶ, ବିଦର୍ଭ, ଝାଡ଼ଖଣ୍ଡ, ଉତ୍ତର-ପୂର୍ବ ରାଜ୍ୟଗୁଡ଼ିକ ଏବଂ ମରଠୱାଡ଼ାର ବିଚ୍ଛିନ୍ନ ସ୍ଥାନରେ ମଧ୍ୟ ଝଡ଼ ଏବଂ ବଜ୍ରପାତ ହେବାର ସମ୍ଭାବନା ଅଛି। ଆଣ୍ଡାମାନ ଏବଂ ନିକୋବର ଦ୍ୱୀପପୁଞ୍ଜ, ଉତ୍ତର ଏବଂ ଦକ୍ଷିଣ ଆଭ୍ୟନ୍ତରୀଣ କର୍ଣ୍ଣାଟକ, ଉପକୂଳ ଆନ୍ଧ୍ର ପ୍ରଦେଶ, ରାୟଲସୀମା, ତାମିଲନାଡୁ, ପୁଡୁଚେରୀ ଏବଂ କରାଇକାଲରେ ଘଣ୍ଟା ପ୍ରତି ୪୦ରୁ ୫୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ସମ୍ଭାବନା ଅଛି। କେରଳ, ମାହେ, ଲକ୍ଷଦ୍ୱୀପ, ଉପକୂଳ କର୍ଣ୍ଣାଟକ ଏବଂ ତେଲେଙ୍ଗାନାରେ ୩୦ ରୁ୪୦ କିଲୋମିଟର ବେଗରେ ପ୍ରବଳ ପବନ ବହିବାର ସମ୍ଭାବନା ଅଛି।




## କେନ୍ଦୁଝର ସମାଚାର

A.R. KHAN

ARNMEDIA COMPLEX, New Market, Keonjhar

(Near Collectorate, Dist. Keonjhar, Phone / Fax: (06767) 255316

Email: utkalsamachar@gmail.com, Mob: 9437086122


# ରାସ୍ତାରେ ବିରାଟ ଗର୍ତ୍ତ, ବିପଦରେ ଜନସାଧାରଣ

ହରିଚନ୍ଦନପୁର,୨୪।୮(ନି/ପ୍ର): କେନ୍ଦୁଝର ଜିଲ୍ଲା ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ପିଠାଗୋଳା ଗ୍ରାମର ବାଲିସାହି ଠାରୁ ତମ୍ବାହରା ଜଳବୁଡ଼ି ସାହି ଦେଇ ବାଲିପୋଷି ଗ୍ରାମକୁ ଯାଇଥିବା ପିଚୁ ରାସ୍ତା ବର୍ତ୍ତମାନ ଅତ୍ୟନ୍ତ ଦୟନୀୟ ଅବସ୍ଥାରେ ପହଂଚିଛି। ବାତ୍ୟା ଓ ପ୍ରବଳ ବର୍ଷାରେ ଧୋଇ ହୋଇ ରାସ୍ତାର ବିଭିନ୍ନ ସ୍ଥାନରେ ବିରାଟ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିବାରୁ ଯାତାୟାତ ବ୍ୟବସ୍ଥା ଏକ ପ୍ରକାର ଠପ୍ ହୋଇପଡ଼ିଛି। ଏହି ରାସ୍ତା ଉପରେ ବାଲିସାହି, ତମ୍ବାହରା, ଜଳବୁଡ଼ି ସାହି ସମେତ ବାଲିପୋଷି ଓ ଆଖପାଖ ଅଂଚଳର ଲୋକମାନେ ଦୈନନ୍ଦିନ ଯାତାୟାତ ପାଇଁ ନିର୍ଭର କରିଥାନ୍ତି। ରାସ୍ତାରେ ବଡ଼ ବଡ଼ ଖାଲଖମା ହୋଇଥିବାରୁ ଦୁଇଚକିଆ ଓ ଚାରିଚକିଆ ଯାନ ଚଳାଚଳରେ ଲୋକେ ନାନା ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ବିଶେଷ କରି ବର୍ଷା ସମୟରେ ଗର୍ତ୍ତ ଗୁଡ଼ିକରେ ପାଣି ଜମି ରହୁଥିବାରୁ ରାସ୍ତାର ପ୍ରକୃତ ଅବସ୍ଥା ଜଣାପଡୁନାହିଁ। ଫଳରେ ଦୁର୍ଘଟଣାର ଆଶଙ୍କା ମଧ୍ୟ ବଢ଼ିଛି।ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ବାତ୍ୟା ପରେ ତମ୍ବାହରା ଜଳବୁଡ଼ି ସାହିଠାରୁ ବାଲିପୋଷି ଗ୍ରାମକୁ ଯାଇଥିବା ରାସ୍ତାର ଅବସ୍ଥା ଆହୁରି ଖରାପ ହୋଇଛି। ରାସ୍ତାରେ ବିରାଟ ଗର୍ତ୍ତ ସୃଷ୍ଟି ହୋଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ମରାମତି ହୋଇନାହିଁ। ଦୀର୍ଘଦିନ ଧରି ରାସ୍ତା ଖାଲଖମାରେ ପରିଣତ ହୋଇଥିଲେ ମଧ ବିଭାଗୀୟ ଅଧିକାରୀ ଓ ପ୍ରଶାସନର ଏଥିପ୍ରତି ଦୃଷ୍ଟି ପଡୁନଥିବା ନେଇ ଅଂଚଳବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ରାସ୍ତାର ଏଭଳି ଦୁରବସ୍ଥା ଯୋଗୁଁ ଜରୁରୀ ସମୟରେ ଆମ୍ବୁଲାନ୍ସ, ଅଗ୍ନିଶମ ବାହିନୀ ଓ ଅନ୍ୟାନ୍ୟ ଯାନବାହନ ଯାତାୟାତରେ ମଧ ସମସ୍ୟା ଉପୁଜୁଛି। ଛାତ୍ରଛାତ୍ରୀ, ଚାକିରିଜୀବୀ, ଚାଷୀ ଓ ସାଧାରଣ ଲୋକେ ପ୍ରତିଦିନ ଏହି ରାସ୍ତା ଦେଇ ଯାତାୟାତ କରୁଥିବାରୁ ରାସ୍ତା ମରାମତି ନହେଲେ ଆଗାମୀ ଦିନରେ ସମସ୍ୟା ଆହୁରି ଗୁରୁତର ହେବାର ଆଶଙ୍କା ରହିଛି।ଏନେଇ ଅଂଚଳବାସୀ ବିଭାଗୀୟ ଅଧିକାରୀ ଓ ପ୍ରଶାସନ ନିକଟରେ ତୁରନ୍ତ ରାସ୍ତାର ଗର୍ତ୍ତ ଗୁଡ଼ିକ ପୋତିବା ସହ ଆବଶ୍ୟକ ସ୍ଥାନରେ ରାସ୍ତାର ସ୍ଥାୟୀ ମରାମତି କରିବାକୁ ଦାବି କରିଛନ୍ତି। ଲୋକଙ୍କ ଦାବି ପ୍ରତି ପ୍ରଶାସନ ତୁରନ୍ତ ଦୃଷ୍ଟି ଦେଇ ରାସ୍ତା ସମସ୍ୟାର ସମାଧାନ କଲେ ଅଂଚଳବାସୀଙ୍କ ଯାତାୟାତରେ ସୁବିଧା ହୋଇପାରନ୍ତା। ତେବେ ଏତେ ବଡ଼ ବଡ଼ ଖାଲଖମା ହେବା ପରେ ମଧ ପ୍ରଶାସନର ନଜର କାହିଁକି ପଡୁନାହିଁ, ତାହାକୁ ନେଇ ସାଧାରଣରେ ପ୍ରଶ୍ନ ଉଠିଛି।

# ଚମ୍ପୁଆ ସହରରେ ବୁଲିଲା ଗୋଠ ଛଡ଼ା ଦନ୍ତାହାତୀ



ଚମ୍ପୁଆ,୨୪/୮(ନି/ପ୍ର):ଗତ ରାତିରେ ଏକ ଗୋଠଛଡ଼ା ଦନ୍ତା ହାତୀ ସହର ଭିତରେ ପଶି ବୁଲୁଥିବା ଦେଖାଯାଇଥିଲା। ଝାଡ଼ଖଣ୍ଡ ପଟୁ ଆସି ଗୋଧୂଳି ଦେଇ ଚମ୍ପୁଆସହରକୁ ପ୍ରବେଶ କରିଥିଲା। ଖବର ପାଇ ବନ ବିଭାଗ କର୍ମଚାରୀ ଚମ୍ପୁଆ ରେଞ୍ଜ ଅଧିକାରୀ ଦନ୍ତା ହାତୀର ଗତିବିଧି ଉପରେ ନଜର ରଖିବା ସହିତ ଲୋକଙ୍କ ଜନଜୀବନ ସୁରକ୍ଷାକୁ ଗୁରୁତ୍ୱ ଦେଇ ଦନ୍ତାକୁ ଚମ୍ପୁଆ ବଜାର ଭିତରୁ ଘଉଡାଇ ଥିଲେ। ଚମ୍ପୁଆ ବଜାର, ଛଅ ନମ୍ବର ୱାର୍ଡ, ମୁସଲିମ ବସ୍ତି ଦେଇ ଏକ ନମ୍ବର ୱାର୍ଡ ଗୋଧୂଳି ବୈତରଣୀ ନଦୀ ନିକଟ ଆମ୍ବ ବଗିଚାକୁ ଚାଲିଯାଇଛି। ତେବେ କୌଣସି କ୍ଷୟକ୍ଷତି ହୋଇ ନଥିବା ବେଳେ, ଲଗାତାର ସହର ଭିତରକୁ ହାତୀ ପଶି ଆସୁଥିବାରୁ ଲୋକଙ୍କ ମଧ୍ୟରେ ଭୟ ଓ ଆତଙ୍କ ଦେଖାଦେଇଛି।

# ଖୁଦପେଜ୍ ଗୌରବ' ଓ 'ପ୍ରଶସ୍ତି ସମ୍ମାନ'ରେ ଜିଲ୍ଲାପାଳ ମଧୁସୂଦନ ଦାଶ ସମ୍ମାନିତ

ନୂଆପଡ଼ା,୨୪।୮(ନି/ପ୍ର):ଏକକ ବ୍ୟବହାର ପ୍ଲାଷ୍ଟିକ୍ ମୁକ୍ତ ନୂଆପଡ଼ା ଗଠନ ସହ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଗ୍ରାମୀଣ ବିକାଶ କ୍ଷେତ୍ରରେ ଜିଲ୍ଲା ପ୍ରଶାସନର ପଦକ୍ଷେପକୁ ସମ୍ମାନ ଜଣାଇ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଖୁଦପେଜ୍ ଗ୍ରାମ ପଂଚାୟତ ଏବଂ ବୋଡ଼େନ ବ୍ଲକ ପଳସଦା ଗ୍ରାମ ପଂଚାୟତ ଅନ୍ତର୍ଗତ ବୁଢ଼ାପଡ଼ା ଗ୍ରାମବାସୀଙ୍କ ପକ୍ଷରୁ ସମ୍ମାନିତ କରାଯାଇଛି। ଖୁଦପେଜ୍ ପକ୍ଷରୁ ଜିଲ୍ଲାପାଳଙ୍କୁ 'ଖୁଦପେଜ୍ ଗୌରବ' ସମ୍ମାନ ପ୍ରଦାନ କରାଯାଇଥିବା ବେଳେ ବୁଢ଼ାପଡ଼ା ରେ ଏକକ ବ୍ୟବହାର ପ୍ଲାଷ୍ଟିକ୍ମୁକ୍ତ ଅଭିଯାନରେ ନେତୃତ୍ୱ ପାଇଁ 'ପ୍ରଶସ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। ଜିଲ୍ଲାରେ ଚାଲିଥିବା ଏସୟୁ ପି ଫ୍ରି ନୁଆପଡା ଅଭିଯାନକୁ ପ୍ରଶାସନିକ ପଦକ୍ଷେପରୁ ଜନଆନ୍ଦୋଳନରେ ପରିଣତ କରିବା ସହ ପ୍ଲାଷ୍ଟିକ୍ର ବିକଳ୍ପ ବ୍ୟବହାର, ଉତ୍ସସ୍ଥଳରେ ବର୍ଜ୍ୟ ପୃଥକୀକରଣ ଓ ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସକ୍ରିୟ ଭାଗିଦାରି ପାଇଁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହା ଜିଲ୍ଲା ପ୍ରଶାସନର ପଦକ୍ଷେପ ପ୍ରତି ଗ୍ରାମାଂଚଳରେ ସୃଷ୍ଟି ହୋଇଥିବା ଜନସମର୍ଥନର ଏକ ପ୍ରତିଫଳନ ବୋଲି ଅଭିହିତ କରାଯାଇଛି। ଏହି ଅବସରରେ ଖୁଦପେଜ୍ ଗ୍ରାମ ପଂଚାୟତରେ 'ଅକ୍ସିଜେନ୍ ବ୍ୟାଙ୍କ', ବର୍ଜ୍ୟ ପରିଚାଳନା କେନ୍ଦ୍ର ଓ 'ମଡେଲ୍ ରୁରାଲ୍ ହାଟ୍' ଉଦ୍ଘାଟିତ ହୋଇଥିଲା। ଏଥିସହ ଏକ ପ୍ଲାଂଟେସନ୍ ସାଇଟର ମଧ ଉଦ୍ଘାଟନ କରାଯାଇଥିଲା। ଗ୍ରାମୀଣ ସ୍ତରରେ ସ୍ୱଚ୍ଛତା, ପରିବେଶ ସୁରକ୍ଷା ଓ ଜନକଲ୍ୟାଣକୁ ଏକାଠି କରି ଏଭଳି ପଦକ୍ଷେପ ନିଆଯିବାକୁ ଉପସ୍ଥିତ ଅତିଥିମାନେ ପ୍ରଶଂସା କରିଥିଲେ। ଖୁଦପେଜ୍ର 'ଅକ୍ସିଜେନ୍ ବ୍ୟାଙ୍କ' ଜୁଲାଇ ୨୦୨୫ରୁ କାର୍ଯ୍ୟକ୍ଷମ ରହିଛି। ଗ୍ରାମ ପଂଚାୟତ ପକ୍ଷରୁ ଏହାର ନିରନ୍ତର ରକ୍ଷଣାବେକ୍ଷଣ ଓ ପରିଚାଳନା କରାଯାଇ ଏହାକୁ ଆଜି ସାଧାରଣ ଲୋକଙ୍କ ଉଦ୍ଦେଶ୍ୟରେ ସମର୍ପିତ କରାଯାଇଥିଲା। ଗ୍ରାମବାସୀଙ୍କ ସହଭାଗିତାରେ ପରିବେଶ ସୁରକ୍ଷା ଓ ସ୍ୱଚ୍ଛତା କ୍ଷେତ୍ରରେ ଏହା ଏକ ଉଦାହରଣୀୟ ପଦକ୍ଷେପ ବୋଲି ଅତିଥିମାନେ ମତ ଦେଇଥିଲେ। ଖୁଦପେଜେରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲ୍ଲାପାଳ ସୁବାଷ ଚନ୍ଦ୍ର ରାଇତା, ଜିଲ୍ଲା ପରିଷଦ ସଦସ୍ୟ ମାଲ୍ୟବନ୍ତ ସୁନା ଓ ଅବନୀ ଯୋଶୀ, ବିଡିଓ ମିଳନ ଝଙ୍କାର, ସିଡିଭିଓ ସୁଖେନ୍ଦୁ ରାୟ, ଯୋଗାଣ ଅଧିକାରୀ ତ୍ରିନାଥ ଭୋଇ, ଅଧୀକ୍ଷଣ ଯନ୍ତ୍ରୀ ଜୟପୁରିଆ, ସରପଂଚ ଯଶୋଦା ଶତପଥୀ, ଜିଲ୍ଲା ସ୍ୱଚ୍ଛତା ସଂଯୋଜକ ଅନିଲ କୁମାର ଲେଙ୍କା, ବିଆର୍ସି ବିପିନ ଯୋଶୀଙ୍କ ସମେତ ଏଏନ୍ଏମ୍, ଆଶାକର୍ମୀ, ଗ୍ରାମବାସୀ ଓ ସ୍ୱଚ୍ଛତାକର୍ମୀମାନେ ଉପସ୍ଥିତ ଥିଲେ। ସେହିପରି ବୋଡ଼େନ ବ୍ଲକର ପଳସଦା ଗ୍ରାମ ପଂଚାୟତ ଅନ୍ତର୍ଗତ ବୁଢ଼ାପଡ଼ାରେ ସାଂସ୍କୃତିକ ପରିଷଦ ଓ ଗ୍ରାମବାସୀଙ୍କ ପକ୍ଷରୁ ଜିଲ୍ଲାପାଳ ମଧୁସୂଦନ ଦାଶଙ୍କୁ ଏକକ ବ୍ୟବହାର ପ୍ଲାଷ୍ଟିକ୍ମୁକ୍ତ ଅଭିଯାନରେ ଜିଲ୍ଲାର ନେତୃତ୍ୱ ପାଇଁ 'ପ୍ରଶସ୍ତି ସମ୍ମାନ' ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଡିଓ ଚିନ୍ମୟ ସାଗର, ଡିଆର୍ସିଏସ୍ ଶିବ ପ୍ରସାଦ ସ୍ୱାଇଁ, ଏଡିଭିଓ ପାର୍ଥସାରଥୀ ଦୋରା, ଏଡିଏଚ୍ ହରେକୃଷ୍ଣ ହାଁସଦା, ବିଆର୍ସି ହେରମ୍ବ ବିଶ୍ୱାଳ, ପଳସଦା ସରପଂଚଚ, ସମିତି ସଭ୍ୟଙ୍କ ସମେତ କାର୍ଯ୍ୟକ୍ରମ ପରିଚାଳକ ତଥା ସ୍ୱଚ୍ଛତା ମିତ୍ର ପିତାମ୍ବର ଦୀପ, ଗ୍ରାମବାସୀ ଓ ସାଂସ୍କୃତିକ ପରିଷଦର ସଦସ୍ୟମାନେ ଯୋଗଦେଇଥିଲେ। ଏହି ଦୁଇ ସମ୍ମାନ ଓ ଗ୍ରାମସ୍ତରରେ ଗ୍ରହଣ କରାଯାଇଥିବା ଅଭିନବ ପଦକ୍ଷେପଗୁଡ଼ିକ ନୂଆପଡ଼ାରେ ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ଗଢ଼ିଉଠିଥିବା ସୁଦୃଢ଼ ସହଭାଗିତାର ପ୍ରତୀକ। ସ୍ୱଚ୍ଛ, ସବୁଜ ଓ ପ୍ଲାଷ୍ଟିକ୍ମୁକ୍ତ ନୂଆପଡ଼ା ଗଠନ ଦିଗରେ ଜନଭାଗିଦାରୀ ଭିତିକ ଏହି ପଦକ୍ଷେପ ଜିଲ୍ଲାର ସ୍ୱଚ୍ଛତା ଓ ପରିବେଶ ସୁରକ୍ଷା ଅଭିଯାନକୁ ଆହୁରି ଗତିଶୀଳ କରିବ ବୋଲି ଆଶା କରାଯାଇଛି।

# ବନ୍ୟା ପ୍ରଭାବିତ ଘାଗରାଡ଼ିଆ ଗ୍ରାମରେ ସ୍ୱାସ୍ଥ୍ୟ କ୍ୟାମ୍ପ

## ଡଙ୍ଗା ଯୋଗେ ଘରଦ୍ୱାରେ ସ୍ୱାସ୍ଥ୍ୟସେବା

କେନ୍ଦ୍ରାପଡ଼ା, ୨୪।୮(ନି/ପ୍ର): ବ୍ରାହ୍ମଣୀ ନଦୀରେ ବନ୍ୟାଜଳ ପ୍ରବେଶ ଯୋଗୁଁ ଘାଗରା ଗ୍ରାମ ପଂଚାୟତର ଘାଗରାଡ଼ିଆ ୱାର୍ଡ ନଂ-୧, ଅପର ଘାଗରା ୱାର୍ଡ ନଂ-୨ ଓ ୪, କୁଦ ହରିଜନ ସାହି ଏବଂ ଘାଗରା ୱାର୍ଡ ନଂ-୩ ଆଦି ଅଂଚଳ ପ୍ରଭାବିତ ହୋଇଛି। ଗତ ଜୁଲାଇ ମାସରେ ମଧ ଏହି ଅଂଚଳଗୁଡ଼ିକ ବନ୍ୟା ପ୍ରଭାବିତ ହୋଇଥିବା ବେଳେ ଚଳିତ ଅଗଷ୍ଟ ମାସରେ ପୁନର୍ବାର ଏହି ଗ୍ରାମଗୁଡ଼ିକ ପାଣିଘେରରେ ରହିଛି। ବନ୍ୟା ପରିସ୍ଥିତିରେ ପ୍ରଭାବିତ ଲୋକଙ୍କ ନିକଟରେ ତୁରନ୍ତ ସ୍ୱାସ୍ଥ୍ୟସେବା ପହଂଚାଇବା ଲକ୍ଷ୍ୟରେ ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ମେଡିକାଲ ଅଫିସର ଇନ୍-ଚାର୍ଜ ଡାକ୍ତର ଶ୍ରୀକାନ୍ତ କୁମାର ଦାସଙ୍କ ତତ୍ତ୍ୱାବଧାନରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ର ପକ୍ଷରୁ ସ୍ୱାସ୍ଥ୍ୟ କ୍ୟାମ୍ପ ଆୟୋଜନ କରାଯାଇଛି।ଓଡ୍ରାଫ୍ ଟିମ୍ ଦ୍ୱାରା ପରିଚାଳିତ ଡଙ୍ଗା ସହାୟତାରେ ସ୍ୱାସ୍ଥ୍ୟକର୍ମୀମାନେ ବନ୍ୟାଜଳ ଅତିକ୍ରମ କରି ଘାଗରାଡ଼ିଆ ଗ୍ରାମରେ ପହଂଚି ଲୋକଙ୍କୁ ସ୍ୱାସ୍ଥ୍ୟସେବା ଯୋଗାଇ ଦେଉଛନ୍ତି। କ୍ୟାମ୍ପରେ ଓଆରଏସ୍, ହାଲୋଜେନ୍ ଟାବଲେଟ୍, ଡାଇରିଆ ପ୍ରତିରୋଧକ ଔଷଧ, ଥଣ୍ଡା ଓ ଜ୍ୱର ଔଷଧ ଆଦି ବଂଟନ କରାଯାଉଛି। ଏଥିସହିତ ରକ୍ତଚାପ, ମଧୁମେହ ଆଦିର ମଧ ପରୀକ୍ଷା କରାଯାଉଛି। ଏହି ସ୍ୱାସ୍ଥ୍ୟ କ୍ୟାମ୍ପରେ ଘାଗରା ଆୟୁଷ୍ମାନ ଆରୋଗ୍ୟ କେନ୍ଦ୍ରର ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ପ୍ରୀତି ପୁଷ୍ପା ଜେନା, ମହିଳା ସ୍ୱାସ୍ଥ୍ୟ କର୍ମୀ ଏକାମ୍ର ବାସିନୀ ପରିଡ଼ା, ବହୁମୁଖୀ ପୁରୁଷ ସ୍ୱାସ୍ଥ୍ୟ କର୍ମୀ ଭରତ ଚନ୍ଦ୍ର ମାରାଣ୍ଡି, ଆଶା ଶକୁନ୍ତଳା ମଳିକ, ଅଙ୍ଗନୱାଡ଼ି କର୍ମୀ ପୁଷ୍ପଲତା ମଳିକ ଓ ତରଙ୍ଗବାଳା ପରିଡ଼ା ପ୍ରମୁଖ ଉପସ୍ଥିତ ରହି ସେବା ପ୍ରଦାନ କରୁଛନ୍ତି। ଜିଲ୍ଲା ସ୍ତରରୁ ଘାଗରାଡ଼ିଆ ଗ୍ରାମ ସ୍ୱାସ୍ଥ୍ୟ କ୍ୟାମ୍ପ ପରିଦର୍ଶନ କରି ଡାକ୍ତର ସୁକାନ୍ତ କୁମାର ପ୍ରଧାନ, ଡେପୁଟୀ ମ୍ୟାନେଜର, ପ୍ରଜନନ ଓ ଶିଶୁ ସ୍ୱାସ୍ଥ୍ୟ ଏବଂ ପରାମର୍ଶଦାତା ପ୍ରକାଶ କୁମାର ମଥାନ ଉପସ୍ଥିତ ମାଆ, କିଶୋରୀ ବାଳିକା ଓ ଶିଶୁମାନଙ୍କୁ ବିଭିନ୍ନ ସ୍ୱାସ୍ଥ୍ୟଭିତିକ ପରାମର୍ଶ ପ୍ରଦାନ କରିଥିଲେ। ଇନ୍ଦୁପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ବ୍ଲକ୍ ପ୍ରୋଗ୍ରାମ ପରିଚାଳିକା ମଞ୍ଜୁଶ୍ରୀ ବିଶ୍ୱାଳ, ବ୍ଲକ୍ ଡାଟା ମ୍ୟାନେଜର ଶୁଭଶ୍ରୀ ଅର୍ପିତା ଜେନା ଏବଂ ଜନସ୍ୱାସ୍ଥ୍ୟ ଅଧିକାରୀ ଇନ୍-ଚାର୍ଜ ସୁଶୀଲ କୁମାର ବେହେରା ପ୍ରମୁଖ କ୍ୟାମ୍ପ ପରିଚାଳନାରେ ସହଯୋଗ କରିଥିଲେ। ଘାଗରା ଗ୍ରାମ ପଂଚାୟତର ସରପଂଚ ପ୍ରିୟଦର୍ଶିନୀ ବିଶ୍ୱାଳ ଏବଂ ତାଙ୍କ ସ୍ୱାମୀ ଅଜିତ ପରିଡ଼ା ମଧ ସ୍ୱାସ୍ଥ୍ୟଭିତିକ କାର୍ଯ୍ୟକ୍ରମରେ ସହଯୋଗ କରିଆସୁଛନ୍ତି। ବନ୍ୟା ଭଳି ଦୁର୍ଗମ ପରିସ୍ଥିତିରେ ମଧ ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀମାନେ ନିଷ୍ଠାର ସହ ଲୋକଙ୍କ ନିକଟରେ ପହଂଚି ସ୍ୱାସ୍ଥ୍ୟସେବା, ଔଷଧ ଓ ଆବଶ୍ୟକ ପରାମର୍ଶ ପ୍ରଦାନ କରୁଥିବାରୁ ପ୍ରଭାବିତ ଅଂଚଳବାସୀ ଆଶ୍ୱସ୍ତି ଲାଭ କରିଛନ୍ତି।

# କାଜୁ ଚୋପା ବୋଝେଇ ଟ୍ରକ୍‌ରେ ଗଞ୍ଜେଇ ଚାଲାଣ

## ୧୦ କୁଇଣ୍ଟାଲ ୩୩ କେଜି ଗଞ୍ଜେଇ ଜବତ; ୨ ଗିରଫ



ଫୁଲବାଣୀ,୨୪/୮(ନି/ପ୍ର):କନ୍ଧମାଳ ଜିଲ୍ଲାର ଫିରିଙ୍ଗିଆ ଅଂଚଳରେ ଗଞ୍ଜେଇ ଚାଲାଣ ବିରୋଧରେ ପୁଲିସକୁ ବଡ଼ ସଫଳତା ମିଳିଛି। କାଜୁ ଚୋପା ବୋଝେଇ ଏକ ଟ୍ରକ୍‌ରେ ଅଭିନବ ଉପାୟରେ ଗଞ୍ଜେଇ ଚାଲାଣ ହେଉଥିବାବେଳେ ଫିରିଙ୍ଗିଆ ପୁଲିସ ଟ୍ରକ୍‌ଟିକୁ ଜବତ କରିଛି। ଟ୍ରକ୍‌ରୁ ୧୦ କୁଇଣ୍ଟାଲ ୩୩ କେଜି ଗଞ୍ଜେଇ ଜବତ ହୋଇଥିବାବେଳେ ଏହି ଘଟଣାରେ ଦୁଇଜଣଙ୍କୁ ପୁଲିସ ଗିରଫ କରିଛି। ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ବିହାରର ସମସ୍ତିପୁର ଜିଲ୍ଲା ମୋହନପୁର ଥାନା ଅଂଚଳର ଲାଲମୋହନ ରାଏ ରହିଛନ୍ତି। ସେ ଟ୍ରକ୍‌ର ଡ୍ରାଇଭର ବୋଲି ଜଣାପଡ଼ିଛି। ଅନ୍ୟ ଅଭିଯୁକ୍ତ ଜଣକ ବୌଦ୍ଧ ଜିଲ୍ଲା କଂଟମାଳ ଥାନା ଅନ୍ତର୍ଗତ ରଣ୍ଡିମହୁଲ ଗାଁର ସାନନ୍ଦ ସାହୁ ବୋଲି ପୁଲିସ ସୂଚନା ଦେଇଛି। ସୂଚନା ଅନୁସାରେ, ଏହି ଟ୍ରକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ନେଇ ପୁଲିସକୁ ଏକ ବିଶେଷ ସୂତ୍ରରୁ ଖବର ମିଳିଥିଲା। ଖବର ପାଇବା ପରେ ଫିରିଙ୍ଗିଆ ଥାନା ଅଧିକାରୀ ମୁରଲୀଧର ସାହୁଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ଅଜୟ କୁମାର ସାହୁଙ୍କ ନେତୃତ୍ୱରେ ଏକ ସ୍ୱତନ୍ତ୍ର ପୁଲିସ ଟିମ୍ ଗଠନ କରାଯାଇଥିଲା।ପୁଲିସ ଟିମ୍ ଫିରିଙ୍ଗିଆ-ଫୁଲବାଣୀ ମୁଖ୍ୟରାସ୍ତାର ବଲମପଦର ଛକ ନିକଟରେ ଯାଞ୍ଚ ଚଳାଇଥିଲା। ଏହି ସମୟରେ ସନ୍ଦେହଜନକ କାଜୁ ଚୋପା ବୋଝେଇ ଟ୍ରକ୍‌କୁ ଅଟକାଇ ଯାଞ୍ଚ କରିବା ପରେ ଗଞ୍ଜେଇ ଚାଲାଣର ପର୍ଦ୍ଦାଫାସ ହୋଇଥିଲା। ପରେ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ଫିରିଙ୍ଗିଆ ଅତିରିକ୍ତ ତହସିଲଦାର ପୃଥ୍ୱୀରାଜ ମହାନନ୍ଦିଆଙ୍କ ଉପସ୍ଥିତିରେ ଟ୍ରକ୍‌ରୁ ଗଞ୍ଜେଇ ବାହାର କରାଯାଇ ଓଜନ କରାଯାଇଥିଲା। ଏଥିରେ ମୋଟ ୧୦ କୁଇଣ୍ଟାଲ ୩୩ କେଜି ଗଞ୍ଜେଇ ଥିବା ଜଣାପଡ଼ିଥିଲା। ପ୍ରାଥମିକ ତଦନ୍ତରୁ ଗଞ୍ଜେଇ ମହାରାଷ୍ଟ୍ର ଅଭିମୁଖେ ଚାଲାଣ ହେଉଥିବା ପୁଲିସ ଜାଣିବାକୁ ପାଇଛି। ତେବେ ଏହି ଚାଲାଣ ପଛରେ ଆଉ କେଉଁମାନଙ୍କ ସମ୍ପୃକ୍ତି ରହିଛି ଏବଂ ଗଞ୍ଜେଇ କେଉଁଠାରୁ ଟ୍ରକ୍‌ରେ ଲୋଡ୍ ହୋଇଥିଲା, ସେନେଇ ପୁଲିସ ତଦନ୍ତ ଜାରି ରଖିଛି।କନ୍ଧମାଳ ଜିଲ୍ଲାରେ ଗଞ୍ଜେଇ ଚାଲାଣ ରୋକିବା ପାଇଁ ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ ସ୍ୱତନ୍ତ୍ର ଅଭିଯାନ ଚାଲିଥିବାବେଳେ ବିଭିନ୍ନ ସମୟରେ ବିପୁଳ ପରିମାଣର ଗଞ୍ଜେଇ, ଗାଡ଼ି ଜବତ ସହ ଅଭିଯୁକ୍ତମାନେ ଗିରଫ ହେଉଛନ୍ତି। ଏହି ଘଟଣା ସେହି ଅଭିଯାନର ଏକ ବଡ଼ ସଫଳତା ବୋଲି କୁହାଯାଉଛି। ଘଟଣା ସମ୍ପର୍କରେ ଫିରିଙ୍ଗିଆ ଥାନାରେ ମାମଲା ନମ୍ବର ୧୫୧/୨୦୨୬ରେ ମାମଲା ରୁଜୁ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତଙ୍କୁ ପୁଲିସ କୋର୍ଟ ଚାଲାଣ କରିଥିବା ଥାନା ଅଧିକାରୀ ମୁରଲୀଧର ସାହୁ ସୂଚନା ଦେଇଛନ୍ତି।



ଓଡ଼ିଶା ଗ୍ରାମୀଣ ବ୍ୟାଙ୍କର ନୂତନ ଶାଖା କେନ୍ଦୁଝର ମାଧପୁରସ୍ଥିତ ରିଧିସିଧି କମ୍ପ୍ଲେକ୍ସରେ ଉଦ୍‌ଘାଟିତ

# ଲଗାଣ ବର୍ଷାରେ ନଷ୍ଟ ହେଲା ଘର, ଜଳମଗ୍ନ ହେଲା ଚାଷ ଜମି



ରାୟଗଡା,୨୪/୮(ନି/ପ୍ର):୩୬ ଘଣ୍ଟା ଧରି ଚାଲିଥିବା ଲଗାଣ ବର୍ଷାରେ ରାୟଗଡା ଜିଲ୍ଲାର କାଶିପୁର, ରାମନାଗୁଡା, ଗୁଣପୁର, ପଦ୍ମପୁର ଓ ଗୁଡାରି ବ୍ଲକରେ ବ୍ୟାପକ କ୍ଷତି ହୋଇଥିବ ରିପୋର୍ଟରୁ ଜଣାପଡିଛି। ସୂଚନାରୁ ଜଣାପଡିଛି ଗତ ୨୪ ଘଣ୍ଟା ମଧ୍ୟରେ ଆଜି ସକାଳ ୮.୩୦ ସୁଦ୍ଧା ଜିଲ୍ଲାରେ ୧୦୬୩.୬ ମିମି ବର୍ଷା ହୋଇଥିବା ବେଳେ ଗୁଣପୁର ବ୍ଲକରେ ସର୍ବାଧିକ ୨୬୦ ମିମି ବର୍ଷା ରେକର୍ଡ ହୋଇଛି। ସେହିପରି କାଶିପୁର ବ୍ଲକରେ ୨୧୨ ମିମି ବର୍ଷା ରେକର୍ଡ ହୋଇଥିବା ବେଳେ ରାମନାଗୁଡା ବ୍ଲକରେ ୮୮.୪ ମିମି ବର୍ଷା ରେକର୍ଡ ହୋଇଛି। କାଶିପୁର ବ୍ଲକରେ ୧୩ଟି ଗ୍ରାମର ୨୨ଟି ଗୃହ ଭାଙ୍ଗିଥିବା ରାଜସ୍ୱ ବିଭାଗର ସୂଚନାରୁ ଜଣାପଡିଛି। ସେହିଭଳି ରାମନାଗୁଡା ବ୍ଲକରେ ୩ଟି ଗ୍ରାମ ପଚାଂୟତର ୬ଗ୍ରାମ ଚଳିତ ବର୍ଷାରେ ପ୍ରଭାବିତ ହୋଇଥିବା ବେଳେ ୧୩ଜଣ ଲୋକ ପ୍ରଭାବିତ ହୋଇଛନ୍ତି। ସେହିଭଳି ରାମନାଗୁଡା ବ୍ଲକରେ ଜଣେ ଏକାକି ରହୁଥିବା ବୟସ୍କ ମହିଳାଙ୍କ ଗୃହ ଭାଙ୍ଗିଯିବାରୁ ତାଙ୍କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ୬ଟି ଗୃହ ବର୍ଷା ମାଡରେ ସାମାନ୍ୟ ଭାଙ୍ଗିଥିବା ସୂଚନାରୁ ଜଣାପଡିଛି। ଗୋଗୁପାଡୁ ଗ୍ରାମର ବୟସ୍କ ମହିଳା ସୁକି ପାତିଲାଙ୍କ ଗୃହ ପ୍ରଭାବିତ ହେବାରୁ ରାମନାଗୁଡା ବ୍ଲକ ପ୍ରଶାସନ ଖବର ପାଇ ତାଙ୍କୁ ସ୍ଥାନୀୟ ଅଙ୍ଗନବାଡି କେନ୍ଦ୍ରରେ ଥଇଥାନ କରିଥିବା ଜଣାପଡିଛି। ସେହିଭଳି ଲଗାଣ ବର୍ଷା ପ୍ରଭାବରେ ଭାମିନି ଓ ସେରେମା ଅଚଂଳର ଧାନ ଜମି ସଂପୂର୍ଣ୍ଣ ବୁଡିଯାଇଥିବା ଜଣାପଡିଛି। ଲଗାଣ ବର୍ଷ ଫଳରେ ଜିଲ୍ଲାର ବହୁ ଚାଷ ଜମି ଜଳମଗ୍ନ ହୋଇଛି କିନ୍ତୁ ଚାଷ ଜମି କ୍ଷୟକ୍ଷତି ରିପୋର୍ଟ ଏଯାଏଁ ମିଳିପାରିନାହିଁ। ଗତକାଲି ଗୁଣପୁର ଗୁଣୁପୁର ବ୍ଲକ ଭୀମପୁର ପଚାଂୟତ ଅନ୍ତର୍ଗତ ମାଲାପଦର ଗ୍ରାମରେ ଚାରି ଘଟାଂରୁ ଅଧିକ ସମୟ ଧରି ଲଗାଣ ବର୍ଷା ହେବା ଫଳରେ ମାଟିରେ ତିଆରି ନିର୍ମିତ ଘରର କାନ୍ଥ ଭୁଶୁଡ଼ି ପଡ଼ିବା ସହ ଘର ଭିତରେ ବର୍ଷାପାଣି ପଶିଯାଇଥିଲା। ଫଳରେ ଘରେ ଥିବା ଚାଉଳ, ଲୁଗାପଟା, ଘରୋଇ ଉପକରଣ ଓ ଦୈନନ୍ଦିନ ବ୍ୟବହାରର ବିଭିନ୍ନ ଜିନିଷପତ୍ର ନଷ୍ଟ ହୋଇଥିବା ପରିବାର ସଦସ୍ୟମାନେ କହିଥିଲେ। ମାଲାପଦର ଗ୍ରାମର ଉର୍ଦ୍ଧମ ଶବର ଓ ଲର୍ଗିଙ୍ଗ ଶବରଙ୍କ ଘରର କାନ୍ଥ ଭୁଶୁଡ଼ି ପଡ଼ିଛି। ଘରର କାନ୍ଥ ଭୁଶୁଡ଼ି ପଡ଼ିବା ପରେ ଦୁଇ ପରିବାରଙ୍କ ନାହିଁ ନଥିବା ଅସୁବିଧାର ସମ୍ମୁଖିନ ହେଉଛନ୍ତି। ସେହିଭଳି ଚିନାସାରି ଗ୍ରାମ ପଚାଂୟତର ତଳମୁଣ୍ଡା ରୁ କୁଟୁଣି ରାସ୍ତାରେ ପାହାଡ ଧସି ରାସ୍ତା ଅବରୋଧ ହୋଇଥିଲା। ଏନେଇ ଜିଲ୍ଲା ଜରୁରୀକାଳୀନ ଅଧିକାରୀ କଳିଙ୍ଗ କେଶରୀଙ୍କୁ ପଚାରିବାରୁ ଜିଲ୍ଲାର ୧୧ଟି ତହସିଲଦାରଙ୍କୁ କ୍ଷୟକ୍ଷତି ରିପୋର୍ଟ ଦେବାକୁ କୁହାଯାଇଛି, ଆର ଆଇ ତଦନ୍ତ ରିପୋର୍ଟ ଦେଲା ପରେ ସଂପୂର୍ଣ୍ଣ କ୍ଷୟକ୍ଷତି ସୂଚନା ମିଳିପାରିବ ବୋଲି କହିଛନ୍ତି।

# କେନ୍ଦ୍ର ସରକାର ରାଜ୍ୟର ସ୍ୱାର୍ଥକୁ ଛଡ଼ାଇ ନେଇଥିବା ପ୍ରତିବାଦରେ କଂଗ୍ରେସ ଦଳ ରଣ ହୁଙ୍କାର



## ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ସଂଶୋଧନ ଆଇନ ପ୍ରତ୍ୟାହାର ଦାବିରେ ରାଜ୍ୟବ୍ୟାପୀ ଆନ୍ଦୋଳନ ପାଇଁ କଂଗ୍ରେସ ଦଳ ସଜବାଜ

ଅନୁଗୋଳ,୨୪।୮(ନି/ପ୍ର): କେନ୍ଦ୍ର ସରକାର ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ସଂଶୋଧନ ବିଲ୍ ଗତ ଅଗଷ୍ଟ ୧୩ ତାରିଖ ଦିନ ଲୋକସଭା ଓ ରାଜ୍ୟସଭାରେ ବିରୋଧୀଦଳ ମାନଙ୍କ ବିନା ଉପସ୍ଥିତିରେ ପାରିତ ହୋଇ ଯାଇଛି। ଉକ୍ତ ବିଲ୍ ଅନୁସାରେ ଖଣି ଓ ଖଣିଜ ପଦାର୍ଥର ସମସ୍ତ ପରିଚାଳନା କେନ୍ଦ୍ର ହାତକୁ ନେଇଗଲେ। ଆଗରୁ ଖଣି ଓ ଖଣିଜ ପଦାର୍ଥ ଉନ୍ନୟନ ଓ ନିୟନ୍ତ୍ରଣ ଆଇନ ୧୯୫୭ ଅନୁଯାୟୀ ରାଜ୍ୟ ସରକାର ଖଣି ଓ ଖଣିଜ ପଦାର୍ଥର ଉତୋଳନରୁ ମିଳୁଥିବା ଲାଭର ସିଂହ ଭାଗ ପାଉଥିଲା।ହେଲେ ଏହି ସଂଶୋଧନ ଇତି ମଧ୍ୟରେ ରାଷ୍ଟ୍ରପତିଙ୍କ ଦ୍ୱାରା ଅନୁମୋଦିତ ହୋଇଯାଇଛି। ଫଳରେ ଖଣି ଓ ଖଣିଜ ପଦାର୍ଥରୁ ରାଜ୍ୟ ଆଉ କୌଣସି ପ୍ରକାର ଲାଭ ପାଇଁ ପାରିବ ନାହିଁ କିମ୍ବା କୌଣସି ସେସ୍ ବା କର ଲଗାଇ ପାରିବ ନାହିଁ। କେନ୍ଦ୍ରର ସହମତିରେ ଯାହାକିଛି ହାତଟେକାକୁ ରାଜ୍ୟ ଅନେଇ ରହିବ। ରାଜ୍ୟ କେବଳ ବାଲି, ପଥର ଓ ମାଟି ବ୍ୟତିରେକ ଆଉ କୌଣସି ଖଣି ବା ଖଣିଜ ପଦାର୍ଥରୁ କିଛି ଲାଭ ପାଇ ପାରିବ ନାହିଁ। ଏଭଳି ଏକ ଜନବିରୋଧୀ ଆଇନ ପାରିତ କରି କେନ୍ଦ୍ର ରାଜ୍ୟର ସମସ୍ତ ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ ହାତକୁ ଟେକି ଦେବା ପାଇଁ ଏ ଯେଉଁ କଳା ଆଇନ ପ୍ରଣୟନ କରିଛନ୍ତି, ଏହାକୁ ବିରୋଧ କରିବା ପାଇଁ ପ୍ରଦେଶ କଂଗ୍ରେସ କମିଟିର ସଭାପତି ଭକ୍ତ ଚରଣ ଦାସ ଓ ଓଡ଼ିଶାର ପ୍ରଭାରୀ ଲାଲାଜୀ ଦେଶାଇଙ୍କ ନିର୍ଦ୍ଦେଶରେ ଆଜି ସ୍ଥାନୀୟ କଂଗ୍ରେସ ଭବନଠାରେ ପୂର୍ବାହ୍ନରେ ଜିଲ୍ଲା କଂଗ୍ରେସ କମିଟିର ଏକ ବର୍ଦ୍ଧିତ କାର୍ଯ୍ୟକାରିଣୀ ବୈଠକ ଜିଲ୍ଲା ସଭାପତି ସୁନୀଲ କୁମାର ପ୍ରଧାନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇ ଯାଇଛି। ଉକ୍ତ ବୈଠକରେ ଖଣି ଓ ଖଣିଜ ପଦାର୍ଥ ପାଇଁ ପାରିତ ହୋଇଥିବା ଆଇନକୁ ପ୍ରତ୍ୟାହାର ପାଇଁ କଂଗ୍ରେସ ଦଳ ରଣ ହୁଙ୍କାର ଦେବ ଓ ଅନୁଗୋଳର ଖଣି ଖାଦାନକୁ ପୁଞ୍ଜିପତିମାନଙ୍କ କବଳରୁ ସୁରକ୍ଷାପାଇଁ ଆଗାମୀ ଦିନରେ ଆନ୍ଦୋଳନାତ୍ମକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ପ୍ରସ୍ତୁତି ବୈଠକରେ ସ୍ଥିର କରାଯାଇଛି। କେନ୍ଦ୍ର ସରକାର ଯେଭଳିଭାବେ କୃଷକମାନଙ୍କ ଦୁର୍ବାର ଆନ୍ଦୋଳନ ଆଗରେ ମୁଣ୍ଡ ନୁଆଁଇ ଶେଷରେ ତିନି କଳା କୃଷି ଆଇନକୁ ପ୍ରତ୍ୟାହାର କରିଥିଲେ, ଠିକ୍ ସେହିଭଳି ଅନୁଗୋଳ ତଥା ଓଡ଼ିଶାବାସୀଙ୍କ ସ୍ୱାର୍ଥ ଆଗରେ କେନ୍ଦ୍ର ସରକାର ନିଶ୍ଚିତ ମୁଣ୍ଡ ନୁଆଁଇବାକୁ ବାଧ କରାଯିବ ବୋଲି ବିଭିନ୍ନ ବକ୍ତାମାନେ ମତବ୍ୟକ୍ତ କରିଥିଲେ। ଆଦିବାସୀ ଓ ବନବାସୀମାନଙ୍କ ଅଧିକାରକୁ ଏ ଆଇନ ବଳରେ ବ୍ୟାପକ କ୍ଷତି ଘଟାଉଛନ୍ତି, ଏଣୁ ଏଭଳି ଜନବିରୋଧୀ ଆଇନ ପ୍ରତ୍ୟାହାର ଦାବିରେ ଜନ ସଚେତନତା ପାଇଁ ଅନୁଗୋଳ ଜିଲ୍ଲାର ତିନି ଖଣି ଅଚଂଳକୁ ତିନୋଟି ଗୃପ କରି ଜିଲ୍ଲା କଂଗ୍ରେସ ପକ୍ଷରୁ ଉକ୍ତ ଅଚଂଳରେ ଲୋକ ମାନଙ୍କୁ ସଚେତନ କରିବା ପାଇଁ ଯିବାକୁ ସ୍ଥିର କରାଯାଇଛି। ଆଜିର ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ପ୍ରଦେଶ କଂଗ୍ରେସ କମିଟିର ଉପସଭାନେତ୍ରୀ ସସ୍ମିତା ବେହେରା, ପ୍ରଦେଶ କଂଗ୍ରେସ ମୁଖପାତ୍ର ଜଗଦାନନ୍ଦ ପ୍ରଧାନ, ପ୍ରଦେଶ କୃଷକ କଂଗ୍ରେସର ଉପାଧ୍ୟକ୍ଷ ଉମେଶ ଚନ୍ଦ୍ର ସାହୁ, ଜିଲ୍ଲା କଂଗ୍ରେସ ଉପସଭାପତି ଦିଗାମ୍ବର ଗଡ଼ନାୟକ, ବିମଳ ପ୍ରଧାନ, ନିରଞ୍ଜନ ଦାସ, ଗୋପାଳ ଚନ୍ଦ୍ର ନାଥ, ଚିତରଞ୍ଜନ ନାଏକ, ଅମୂଲ୍ୟ ବେହେରା, ବିରଚିଂ ନାରାୟଣ ଧର, କୁଶଧ୍ୱଜ ପ୍ରଧାନ, ଲକ୍ଷ୍ମୀଧର ପୃଷ୍ଟି, ଦୁଷ୍ମନ୍ତ ଦଳବେହେରା, ସହଦେବ ବେହେରା, ବଳବୀର ସିଂ, ରାଜକିଶୋର ସାହୁ,ବିନୋଦ ମାଝୀ, ରାକେଶ ମିଶ୍ର, ସୁଦୀପ ମିଶ୍ର, ରଶ୍ମିରଞ୍ଜନ ସାହୁ, ଅଜୟ କୁମାର ବେହେରା, ଦୁର୍ଗା ଚରଣ ସତପଥି, ଅଳକାରାଣୀ ମହାପାତ୍ର, ଦାଶରଥି ସାହୁ, ଜିଲ୍ଲା ଛାତ୍ର ସଭାପତି ପ୍ରଦ୍ୟୁମ୍ନ କୁମାର ସାହୁ, ପଦ୍ମିନୀ ନାଏକ, ସଂଗ୍ରାମ କେଶରୀ କୁଅଁର, ବାସୁଦେବ ସାମଲ, ଅଲେଖ ବେହେରା, ସରୋଜ ମହାକୁଡ଼, ବିମଳ ପ୍ରଧାନ (ଖ), ଅବିନାଶ ଦଳବେହେରା, ମନୋଜ ସାହୁ, ପ୍ରତାପ ସତପଥି, ଅଶୋକ ନାଏକ ପ୍ରମୁଖ ଶତାଧିକ କଂଗ୍ରେସ ନେତା ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

# ବିବିଧା

## ରାଶିଫଳ

## ଆଜିର ଇତିହାସ

## ପୁଣି ଥରେ ରାଜକୁମାର ସନ୍ତୋଷୀଙ୍କ ସହ କାମ କରିବେ ସନ୍ନି



## ଚୁଗ୍ଲି କରି ରୋଜଗାର



## ମାଗଣାରେ ମିଳେ ଟିଭି ଓ ସୋଫା



## ସୁନ୍ଦର ଦିଶିବା ଟାପ
### ଘରେ ଘରେ ପ୍ଲାଷ୍ଟିକ୍ ସର୍ଜରୀ



# ସ୍ମୃତି

## ଶ୍ରାବଣ ଶେଷ ସୋମବାର



## ରାକ୍ଷୀ ପୂର୍ଣ୍ଣିମା



## କେଉଁ ଦେବତାଙ୍କୁ ବାନ୍ଧିବେ ରାକ୍ଷୀ



## ଖୁଦୁରୁକୁଣୀ ଓଷା



ଉତ୍କଳ ସମାଚାର

## ସମ୍ପାଦକୀୟ...

**ମଙ୍ଗଳବାର ୨୫ ଅଗଷ୍ଟ ୨୦୨୬**

# କେତେ ଯେ କିଡ୍‌ନି !

ଅନେକ ସମୟରେ ଦେଖାଯାଇଥାଏ, ବିଧିସମ୍ମତ 'ଡୋନର୍' ଉପଲବ୍ଧ ଥିଲେ ମଧ୍ୟ ଦାତା ଓ ଗ୍ରହୀତାଙ୍କ କିଡ୍‌ନି ଯଦି ମେଳ ଖାଇ ନ ଥାଏ, ତେବେ ପ୍ରତିରୋପଣ ସମ୍ଭବ ହୋଇ ନ ଥାଏ। ସମସ୍ତ ସମ୍ଭାବ୍ୟ ଦାତା ଓ ଗ୍ରହୀତାମାନେ ପଞ୍ଜୀକୃତ ହୋଇଥିବା ଏକ ଏକ୍‌ସଚେଞ୍ଜରେ ଉପଯୁକ୍ତ ଦାତା ଓ ଗ୍ରହୀତାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରାଯାଇ ଏଇ ଅମେଳ ଦୂର କରାଯାଇ ପାରିବ ଓ ଅନେକାଂଶରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ରଥ୍ ଯୁକ୍ତି କରିଥିଲେ। ଊନବିଂଶ ଶତାବ୍ଦୀର ସ୍କଟିସ୍ ଦାର୍ଶନିକ ଥମାସ୍ କାର୍ଲାଇଲ୍ ଅର୍ଥଶାସ୍ତ୍ରଠାରେ ଏଇ କଳଙ୍କ ଲେପନ କରିବା ପରଠାରୁ ମନୁଷ୍ୟର ଅର୍ଥନୈତିକ ଆଚରଣ ଉପରେ ପ୍ରତିଷ୍ଠିତ ଏଇ ଶାସ୍ତ୍ର ଅନେକଙ୍କ ଦୃଷ୍ଟିରେ ସେବେଠାରୁ ଏକ 'ବିଷାଦ ବିଜ୍ଞାନ' ରୂପେ ବିବେଚିତ ହୋଇଆସିଛି। କିନ୍ତୁ ଅର୍ଥଶାସ୍ତ୍ର ଯେ ପ୍ରକୃତରେ ଏଇ ଦୁଃଖମୟ ସଂସାରରେ ମନୁଷ୍ୟକୁ ବିଷାଦଗ୍ରସ୍ତ କରୁଥିବା ଅସୁମାରି କାରଣମାନ ଦୂର କରିବା ପାଇଁ ସର୍ବଦା ଚେଷ୍ଟା କରିଥାଏ, ତାହାର ଏକ ବଳିଷ୍ଠ ପ୍ରମାଣ ସ୍ୱରୂପ ବେଳେବେଳେ ରାଷ୍ଟ୍ର ଅବଲମ୍ବନ କରୁଥିବା କୌଣସି କୌଣସି ଜନମଙ୍ଗଳକାରୀ ନୀତି ଅର୍ଥନୀତିଜ୍ଞମାନେ ସେମାନଙ୍କର ଅନୁଶୀଳନ ବା ଗବେଷଣା ଭିତ୍ତିରେ ପ୍ରଦାନ କରୁଥିବା ଉପଦେଶ ଦ୍ୱାରା ପ୍ରଭାବିତ ହୋଇ ରୂପ ପରିଗ୍ରହଣ କରିବା ଦେଖାଯାଇଥାଏ। ଅନେକ ସମୟରେ ଅବଶ୍ୟ ଏଭଳି ଉପଦେଶ ନୈତିକତା ଦୃଷ୍ଟିରୁ ବା ରାଜନୈତିକ ଦୃଷ୍ଟିରୁ ସରକାରଙ୍କ ପାଇଁ ଗ୍ରହଣଯୋଗ୍ୟ ହୋଇ ନ ଥାଏ; କିନ୍ତୁ ସେଇଭଳି ମଧ୍ୟ ଅନେକ ସମୟରେ ରାଷ୍ଟ୍ର ଦ୍ୱାରା ଅନୁସୃତ ନୀତିରେ ଅର୍ଥନୀତିଜ୍ଞମାନଙ୍କର କୌଣସି ଆବିଷ୍କାର କିମ୍ବା ଉପଦେଶର ପ୍ରତ୍ୟକ୍ଷ କିମ୍ବା ପ୍ରଚ୍ଛନ୍ନ ପ୍ରଭାବ ପ୍ରତିଫଳିତ ହେବା ପରିଦୃଷ୍ଟ ହୋଇଥାଏ। ଯେମିତି ଭାରତରେ ବର୍ତ୍ତମାନ 'ନେସନାଲ୍ ଅର୍ଗାନ୍ ଆଣ୍ଡ୍ ଟିସୁ ଟ୍ରାନ୍‌ସପ୍ଲାଂଟ ଅର୍ଗାନାଇଜେସନ୍' ('ନୋଟୋ') ଦ୍ୱାରା ଏକ 'ରିଅଲ୍ ଟାଇମ୍' ବା ତତ୍‌କ୍ଷଣାତ୍ କାର୍ଯ୍ୟ କରୁଥିବା ଜାତୀୟ ଅଙ୍ଗପ୍ରତ୍ୟଙ୍ଗ ପ୍ରତିରୋପଣ ପୋର୍ଟାଲ୍ ସ୍ଥାପନ ପଛରେ ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ଆଲ୍‌ଭିନ୍ ରଥ୍‌ଙ୍କର ଏକ ବୈପ୍ଳବିକ ଚିନ୍ତାଧାରାର ଛାପ ସ୍ପଷ୍ଟ ରୂପେ ଦୃଶ୍ୟମାନ ହୋଇଥାଏ। ତେବେ ଏ ସମ୍ବନ୍ଧରେ ଅଧିକ କିଛି କହିବା ପୂର୍ବରୁ ପ୍ରଥମେ ସେଇ ଇଲାକାରେ ପ୍ରୟୋଗଯୋଗ୍ୟ ବିବେଚିତ ହେଉ ନ ଥିବା କାରଣରୁ ପ୍ରତ୍ୟାଖ୍ୟାତ ହୋଇ ଆସିଥିବା ଆଉ ଜଣେ ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞଙ୍କ ପ୍ରସ୍ତାବ ସମ୍ବନ୍ଧରେ ଚୁମ୍ବକରେ ଉଲ୍ଲେଖ କରିବା ପ୍ରୟୋଜନ ମନେ ହୁଏ। ଆମେ ଜାଣୁ ଭାରତରେ ୧୯୯୪ରେ ପ୍ରଣୀତ 'ଟ୍ରାନ୍‌ସ ପ୍ଲାଂଟେସନ୍ ଅଫ୍ ହ୍ୟୁମାନ୍ ଅର୍ଗାନ୍‌ସ ଆଣ୍ଡ୍ ଟିସୁଜ୍ ଆକ୍ଟ' ('ଥୋଟା') ବଳରେ ଏଠାରେ କିଡ୍‌ନି ବା ଅନ୍ୟ କୌଣସି ମାନବ ଅଙ୍ଗପ୍ରତ୍ୟଙ୍ଗ ବିକ୍ରୟ କଡ଼ାକଡ଼ି ଭାବରେ ନିଷିଦ୍ଧ ହୋଇଥିବା ଭଳି ପୃଥିବୀରେ କେବଳ ଇରାନକୁ ଛାଡ଼ି ଅନ୍ୟ ସମସ୍ତ ଦେଶରେ ଅନୁରୂପ ନିଷେଧାଦେଶ କାର୍ଯ୍ୟ କରିଥାଏ। ଏଭଳି ଆଇନ ଅନୁସାରେ କେବଳ ନିକଟ ସଂପର୍କୀୟ କିମ୍ବା ଏକ ଅଧିକାରପ୍ରାପ୍ତ କମିଟି ଦ୍ୱାରା ଅନୁମୋଦିତ ଦାତା (ଡୋନ)ମାନେ ହିଁ ପ୍ରତିରୋପଣ ପାଇଁ ଅଙ୍ଗଦାନ କରିପାରିଥାନ୍ତି। ସ୍ୱାଭାବିକ ଭାବରେ ଏତାଦୃଶ କଟକଣାର ଫଳସ୍ୱରୂପ ସଂପୃକ୍ତ ଦେଶମାନଙ୍କରେ ପ୍ରତିରୋପଣ ନିମିତ ଉପଲବ୍ଧ ଅଙ୍ଗପ୍ରତ୍ୟଙ୍ଗର ଚାହିଦା ଓ ଯୋଗାଣ ମଧ୍ୟରେ ଘୋର ଅସମତୁଲ ଅବସ୍ଥା ସୃଷ୍ଟି ହୋଇଥାଏ। ଚାହିଦା ତୁଳନାରେ ଯୋଗାଣ ବହୁତ ପଛରେ ପଡ଼ିଥାଏ। ଏହାର ଏକ ଉଦାହରଣ ସ୍ୱରୂପ ୨୦୨୫ରେ ଭାରତରେ ୨୦,୧୩୮ଟି ଅଙ୍ଗ ପ୍ରତିରୋପଣ ସଂଘଟିତ ହୋଇ ଏକ ନୂତନ ରେକର୍ଡ ସ୍ଥାପିତ ହୋଇଥିଲେ ହେଁ ଏଠାରେ ଏଥିପାଇଁ ଅପେକ୍ଷାରତ ଧାଡ଼ିରେ ପ୍ରତି ବର୍ଷ ଯୋଗଦେଉଥିବା ନୂତନ ରୋଗୀମାନଙ୍କର ଆନୁମାନିକ ସଂଖ୍ୟା ହେଉଛି ନିମ୍ନୋକ୍ତ ପରି: କିଡ୍‌ନି- ଦୁଇ ଲକ୍ଷ, ଲିଭର- ୫୦,୦୦୦, ହୃତ୍‌ପିଣ୍ଡ- ୫୦,୦୦୦ ସରିକି।ଭାରତ ପରି ଆମେରିକାରେ ମଧ୍ୟ କିଡ୍‌ନି ପ୍ରତିରୋପଣ ନିମିନ୍ତ ଚାହିଦା ସର୍ବାଧିକ ହୋଇଥାଏ ଓ ତାହା ତୁଳନାରେ ଯୋଗାଣ ଅତ୍ୟନ୍ତ ନଗଣ୍ୟ ହୋଇଥାଏ। ସେଠାରେ ଏହି ଭୀଷଣ ସଂକଟର ସମାଧାନର ଉପାୟ ସ୍ୱରୂପ ୨୦୦୭ରେ ପ୍ରକାଶିତ ସେମାନଙ୍କର ଏକ ଗବେଷଣା ପତ୍ରରେ ଅନ୍ୟ ଜଣେ ନୋବେଲ୍ ପୁରସ୍କାରପ୍ରାପ୍ତ ଅର୍ଥନୀତିଜ୍ଞ ଗ୍ୟାରି ବେକର୍ ଓ ତାଙ୍କର ଛାତ୍ର ଜୁଲିଓ ଇଲାୟାସ୍ ଏଥିପାଇଁ ଏକ ମେ ?ଳିକ ବଜାର ସୂତ୍ରର ପ୍ରୟୋଗ ସପକ୍ଷରେ ଦୃଢ଼ ଯୁକ୍ତି ଉପସ୍ଥାପିତ କରିଥିଲେ। ସେମାନଙ୍କର ଯୁକ୍ତି ଅନୁସାରେ ଉପରୋକ୍ତ ଆଇନର ଉଚ୍ଛେଦ ସାଧନ କରି (ଆମେରିକାରେ ବଳବନ୍ତର ଥିବା ଏହି ଆଇନ ହେଉଛି 'ନେସନାଲ୍ ଅର୍ଗାନ୍ ଟ୍ରାନ୍‌ସପ୍ଲାଂଟ ଆକ୍ଟ' ବା 'ନୋଟା', ୧୯୮୪) 'ଡୋନର'ମାନଙ୍କୁ ନିଜର କିଡ୍‌ନି ବିକ୍ରି କରିବା ପାଇଁ ଆଇନଗତ ଅଧିକାର ପ୍ରଦାନ କରାଯିବା ଉଚିତ। ତା'ହେଲେ ଅବିଳମ୍ବେ କିଡ୍‌ନି ଯୋଗାଣରେ ଉଲ୍ଲେଖନୀୟ ବୃଦ୍ଧି ଘଟି ଚାହିଦା ଓ ଯୋଗାଣ ମଧ୍ୟରେ ଥିବା ତଫାତ୍ ସଂପୂର୍ଣ୍ଣ ରୂପେ ଦୂର ହୋଇଯିବ ବୋଲି ବେକର୍ ଦାବି କରିଥିଲେ (ଏ ସଂପର୍କରେ ବିତର୍କରେ ଅଂଶଗ୍ରହଣ ଅବସରରେ ସେ ଅନେକ ସମୟରେ କହିବା ଦେଖାଯାଇଥାଏ: ''କିଡ୍‌ନିର କୌଣସି ଅଭାବ ନାହିଁ, ବରଂ ବଳକା ଅଛି: ପ୍ରତ୍ୟେକଙ୍କର ଦୁଇ ଦୁଇଟି ଅଛି!''). କିନ୍ତୁ ଯେଉଁ ସମୟରେ ବେକର୍ ଓ ଇଲାୟାସ୍‌ଙ୍କର ଏଇ ଗବେଷଣା ପତ୍ର ପ୍ରକାଶ ପାଇଲା, ସେଇ ସମୟରେ ଏଭଳି ପ୍ରସ୍ତାବରେ ରହିଥିବା ଏକ ଅନ୍ତର୍ନିହିତ ପ୍ରତିବନ୍ଧକ ପ୍ରତି ଦୃଷ୍ଟି ଆକର୍ଷଣ କରି ଆଲ୍‌ଭିନ୍ ରଥ୍‌ଙ୍କର ଅନ୍ୟ ଏକ ଗବେଷଣା ପତ୍ର ପ୍ରକାଶ ପାଇଲା। ପ୍ରତିବନ୍ଧକଟିର ନାମ ହେଲା: 'ରିପଗ୍‌ନାନ୍‌ସ' ବା ଘୃଣ୍ୟତା। ସିଧାସଳଖ କହିଲେ ସମାଜ ଦୃଷ୍ଟିରେ ଅଙ୍ଗପ୍ରତ୍ୟଙ୍ଗ କ୍ରୟବିକ୍ରୟ ଏପରି ଘୃଣ୍ୟ ବିବେଚିତ ହୋଇଥାଏ ଯେ ଏହାକୁ କେବେହେଲେ ଆଇନଗତ ଅନୁମୋଦନ ପ୍ରଦାନ କରାଯାଇ ପାରିବ ନାହିଁ। ରଥ୍ ତେଣୁ ଏହାର ଏକ ବିକଳ୍ପ ଯୋଜନା କାର୍ଯ୍ୟକାରୀ କରାଯିବା ପାଇଁ ପ୍ରସ୍ତାବ ଦେଇଥିଲେ, ଯାହାଦ୍ୱାରା କିଡ୍‌ନିର ଅଭାବ ପୂରାପୂରି ଦୂର ହୋଇଯିବ ନାହିଁ, କିନ୍ତୁ ତାହା ଅନେକାଂଶରେ ଲାଘବ ହୋଇପାରିବ। ଏଇ ଯୋଜନାଟି ହେଲା- ଏକ କିଡ୍‌ନି ଏକ୍‌ସଚେଞ୍ଜ ସ୍ଥାପନ। ଅନେକ ସମୟରେ ଦେଖାଯାଇଥାଏ, ବିଧିସମ୍ମତ 'ଡୋନର୍' ଉପଲବ୍ ?ଧ ?ଥିଲେ ମଧ୍ୟ ଦାତା ଓ ଗ୍ରହୀତାଙ୍କ କିଡ୍‌ନି ଯଦି ମେଳ ଖାଇ ନ ଥାଏ, ତେବେ ପ୍ରତିରୋପଣ ସମ୍ଭବ ହୋଇ ନ ଥାଏ। ସମସ୍ତ ସମ୍ଭାବ୍ୟ ଦାତା ଓ ଗ୍ରହୀତାମାନେ ପଞ୍ଜୀକୃତ ହୋଇଥିବା ଏକ ଏକ୍‌ସଚେଞ୍ଜରେ ଉପଯୁକ୍ତ ଦାତା ଓ ଗ୍ରହୀତାମାନଙ୍କ ମଧ୍ୟରେ ସଂଯୋଗ ସ୍ଥାପନ କରାଯାଇ ଏଇ ଅମେଳ ଦୂର କରାଯାଇ ପାରିବ ଓ ଅନେକାଂଶରେ ସମସ୍ୟାର ସମାଧାନ ହୋଇପାରିବ ବୋଲି ରଥ୍ ଯୁକ୍ତି କରିଥିଲେ।

# କାହିଁକି ଚିଡ଼ିଗଲେ, ବୁଝିବାକୁ ହେବ

## ଭବାନୀ ଶଙ୍କର ତ୍ରିପାଠୀ

ଆମେ ବାରମ୍ବାର ଶୁଣୁଛେ; ଶିକ୍ଷା ବ୍ୟବସ୍ଥାରେ ନାଟକୀୟ ପରିବର୍ତ୍ତନ ଆସିଛି। ଆମ ପିଲାମାନେ ଆମଠାରୁ ଭଲ ବିଦ୍ୟାଳୟ-ମହାବିଦ୍ୟାଳୟରେ ପଢୁଛନ୍ତି, ଆମଠାରୁ ଅଧିକ ନମ୍ବର ଆଣୁଛନ୍ତି। ଆମେ ଯେଉଁ ସ୍ୱାସ୍ଥ୍ୟ ସେବା ପାଇ ବଢ଼ିଥିଲୁ, ତା'ଠାରୁ ଉନ୍ନତ ଚିକିତ୍ସା ଆଜି ଆମ ପୁଅଝିଅଙ୍କ ପାଇଁ ଉପଲବ୍ଧ। ସେମାନେ ଆମଠାରୁ ଅଧିକ ରୋଜଗାର କରୁଛନ୍ତି, ଅଧିକ ଖର୍ଚ୍ଚ କରୁଛନ୍ତି, ପ୍ରଯୁକ୍ତିରେ ଆମଠାରୁ ଢେର ଆଗେଇ ଯାଇଛନ୍ତି। ସେମାନଙ୍କ ଜୀବନଧାରଣର ମାନ ଉତ୍କୃଷ୍ଟ ବୋଲି ଅନେକ ଦାବି କରୁଛନ୍ତି। ଏସବୁ କିଛି କ୍ଷେତ୍ରରେ ସତ୍ୟ। କିନ୍ତୁ ଏଥିରୁ ଉଠୁଥିବା ଗୋଟିଏ ପ୍ରଶ୍ନ ମନକୁ ବାରମ୍ବାର ବିଚଳିତ କରେ, ଏବଂ ସେହି ପ୍ରଶ୍ନର ଉତ୍ତର କେହି ଦେଉ ନାହାନ୍ତି। ଯଦି ଏସବୁ ଶତ ପ୍ରତିଶତ ସତ, ତେବେ ଆମ ପିଲାମାନେ ଏତେ ଚିଡ଼ିଯାଇଛନ୍ତି କାହିଁକି ? ଯଦି ଶିକ୍ଷା ବ୍ୟବସ୍ଥା ଏତେ ଉନ୍ନତ, ତେବେ ବେକାରି ଉପରମୁହାଁ କାହିଁକି ? ସ୍ୱାସ୍ଥ୍ୟସେବା ଏତେ ଉଚ୍ଚମାନର, ତେବେ ବୀମା ଅଭାବରେ ସାଧାରଣ ଚିକିତ୍ସା ପାଇଁ ବି ଭାବିବା ବେଳେ ଗୋଟିଏ ପରିବାରର ପାଦତଳୁ ମାଟି ଖସିଯାଉଛି କାହିଁକି ? ରାଜ୍ୟର ସତୁରି ପ୍ରତିଶତରୁ ଅଧିକ ଲୋକ ଆଜି ସରକାରୀ ହାତଟେକା ଚାଉଳ ଉପରେ ନିର୍ଭରଶୀଳ କାହିଁକି ? କେଉଁ ଚାପ ବା ଅଭାବ କାରଣରୁ 'ଆହାର' ଯୋଜନା ରାଜ୍ୟରେ ଏତେ ଲୋକପ୍ରିୟ ହେଲା ଜୀବିକାଠାରୁ ସାଂସ୍କୃତିକ ପରିଚୟ, ଆଉ ମାନସିକ ସ୍ୱାସ୍ଥ୍ୟଠାରୁ ଆତ୍ମମର୍ଯ୍ୟାଦା ପର୍ଯ୍ୟନ୍ତ; ଏସବୁ କେଉଁଠୁ ଆରମ୍ଭ ହୋଇ କେଉଁଠି ପହଞ୍ଚସଲେଣି, ତାହାର ଏକ ନିରାସକ୍ତ, ନିର୍ଭୟ ବିଚାର ଏବେ ଅନିବାର୍ଯ୍ୟ ହୋଇଯାଇଛି। ଅଶୀତମ ସ୍ୱାଧୀନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ (ପିଏମ୍), ମୁଖ୍ୟମନ୍ତ୍ରୀ (ସିଏମ୍) ଓ ଜିଲ୍ଲାପାଳ (ଡିଏମ୍ ?)ଙ୍କ ବକ୍ତବ୍ୟ ଉପରେ ଟିକିଏ ଧ୍ୟାନ ଦିଅନ୍ତୁ। ଅନେକ କ୍ଷତରେ ମଲମ ଲଗାଇବାକୁ ସେମାନେ ଯତ୍ ?ପରୋନାସ୍ତି ଚେଷ୍ଟା କରିଛନ୍ତି। ଚିଡ଼ିଯାଇଥିବା ଜେନ୍-ଜି, ଜେନ୍-ଆଲଫା ଏବଂ ତାଙ୍କ ଅଭିଭାବକମାନଙ୍କୁ ସାନ୍ତ୍ୱନା ଦେବାରେ କୌଣସି ଊଣା କରିନାହାନ୍ତି। ହେଲେ ଯାହା ଲୁଚାଇବା ପରେ ବି ଦିଶୁଛି, ତାହା ହେଉଛି, ବ୍ୟବସ୍ଥା ପ୍ରତି ଲୋକଙ୍କ ଆସ୍ଥା ଦିନକୁ ଦିନ କମି ଆସୁଛି ବୋଲି ସରକାର ନିଜେ ହୃଦୟଙ୍ଗମ କରିସାରିଲେଣି। ବ୍ୟବସ୍ଥାର ଅସଲ ଖୁଅଟି ଏହି ତିନି ସ୍ତରରେ ନିବଦ୍ଧ। ଅର୍ଥାତ୍ ପିଏମ୍, ସିଏମ୍ ଓ ଡିଏମ୍‌ଙ୍କ ବିଜ୍ଞତା, ବିଚକ୍ଷଣତା, ସ୍ୱପ୍ନ, ଦର୍ଶନ, ଦୂରଦୃଷ୍ଟି ଓ ଇଚ୍ଛାଶକ୍ତି ପ୍ରେରିତ କାର୍ଯ୍ୟାନ୍ୱୟନ ହିଁ ଏହାର ଅସଲ ନିଦାନ। ଆମେ ଜାଣୁ, ରାଜନୀତି ଓ ଶାସନ କେବେ ମଧ୍ୟ ଏକ ସରଳ ରେଖାରେ ଚାଲେ ନାହିଁ। ଶାସନ କରିବାର କ୍ଷମତା ନେତୃତ୍ୱକୁ ଧୀରେ ଧୀରେ ଏକଛତ୍ରବାଦ ଆଡ଼କୁ ଟାଣିନିଏ। ଏବଂ ଯେତେବେଳେ ନେତା ସହାନୁଭୂତିର ସହ କାହା କଥା ଶୁଣିବାରେ ବାରମ୍ବାର ବିଫଳ ହୁଅନ୍ତି, ସେତେବେଳକୁ ବୁଝିବାକୁ ହେବ ଯେ ନେତୃତ୍ୱକୁ ଅହଂ ଗ୍ରାସ କରି ସାରିଛି। ଏଭଳି ସ୍ଥିତିରେ ଅସନ୍ତୋଷ ଆଉ ବ୍ୟକ୍ତିଗତ ହୋଇ ରହେନାହିଁ; ତାହା ଏକ ବନାଗ୍ନି ଭଳି ବ୍ୟାପି ଯାଏ। ହଁ, ମୂଳ ଗଣମାଧ୍ୟମ ଆଜି ଅନେକ କାରଣରୁ ନିରବ ରହିଛି। ହେଲେ ଲକ୍ଷ୍ୟ କରିବାକୁ ହେବ, ସାମାଜିକ ଗଣମାଧ୍ୟମ ଏସବୁ ଅସନ୍ତୋଷକୁ ଚମତ୍କାର ଗତିରେ ଓ ସଂଗଠିତ ପ୍ରତିବାଦରେ ପରିଣତ କରିପାରୁଛି। ଏଥିସହ ରାଜନୈତିକ ଅଭିବ୍ୟକ୍ତି ମଧ୍ୟ ପ୍ରତ୍ୟହ ନୂଆ ନୂଆ ରୂପରେ ଆବିଷ୍କୃତ ହେଉଛି। ସରକାର, ବୋଧହୁଏ ଭାବୁଛନ୍ତି ଯେ ଏବେକାର ଯୁବପିଢ଼ିର ଆକାଂକ୍ଷା ଅସାଧାରଣ ଭାବେ ବଢ଼ିଯାଇଛି। ଆଉ ସେହି ଅଭିଳାଷ ଅନେକ ସମୟରେ ବାସ୍ତବ ସୁଯୋଗ ସହିତ ମେଳ ଖାଉ ନାହିଁ। ସେଥିପାଇଁ ସମ୍ଭବତଃ ନୂଆ ପିଢ଼ି ବିରକ୍ତି ପ୍ରକାଶ କରୁଛନ୍ତି ଓ ସରକାର ବିରୋଧୀ ମାନସିକତାର ପ୍ରତିଫଳନ ଘଟୁଛି। ରାଜନୀତିରୁ ଊର୍ଦ୍ଧ୍ୱକୁ ଉଠିଲେ, ଅନ୍ୟ ପ୍ରକାର ବାସ୍ତବତା ସ୍ପଷ୍ଟ ବାରି ହୋଇପଡୁଛି। ହଁ, ସୌଭାଗ୍ୟବଶତଃ, ଗୃହ ନିର୍ମାଣ ଯୋଜନା, ଖାଦ୍ୟ ସୁରକ୍ଷା, ମହିଳାଙ୍କ ପାଇଁ ଆୟ ସହାୟତା ଭଳି କେତେକ 'ଭୋଟପ୍ରିୟ' ଯୋଜନା ଅତ୍ୟନ୍ତ ଉତ୍କଟ ସଙ୍କଟକୁ କିଛି ପରିମାଣରେ ଲାଘବ କରିପାରିଛି। କିନ୍ତୁ ସ୍ୱୀକାର କରିବାକୁ ହେବ ଯେ ସାଧାରଣ ଜୀବନରେ ଦୁର୍ନୀତି କମିବା ପରିବର୍ତ୍ତେ ବଢ଼ିଚାଲିଛି ଏବଂ 'ସର୍ଭିଙ୍କ ବିକାଶ' କେବଳ ଏକ 'ସ୍ଲୋଗାନ୍' ପାଲଟିଯାଇଛି। ଯୁବ ପିଢ଼ି ଅତ୍ୟନ୍ତ ସମ୍ବେଦନଶୀଳ ହୋଇଥିବା ପରିପ୍ରେକ୍ଷୀରେ ସରକାରଙ୍କୁ ନେଇ ଅସନ୍ତୁଷ୍ଟ ହେବାର ଏହା ଏକ ପ୍ରମୁଖ କାରଣ। କହିବାରେ ଦ୍ୱିଧା ନାହିଁ ଯେ ଏହି ଉତ୍ପନ୍ନ ସମସ୍ୟାକୁ ବିଜେପି, କଂଗ୍ରେସ କି ଅନ୍ୟ କୌଣସି ଦଳର ଅବଦାନ ବୋଲି ସୀମିତ କରିପାରିବା ନାହିଁ। ବରଂ ଦଶନ୍ଧି ଧରି ଶାସନରେ ଘୁଣ ଲାଗିବାର ଏହା ପ୍ରତିଫଳନ। ଆମେ ମନେ ପକାଇବା ଯେ ଭାରତରେ ଯୁବ ଅସନ୍ତୋଷ ନୂଆ ଘଟଣା ନୁହେଁ। ଏହା ଏକ ପୁନରାବର୍ତ୍ତିତ ଚକ୍ର, ଯାହା ନିୟମିତ ବ୍ୟବଧାନରେ ନିଜକୁ ନୂଆ ରୂପରେ ପ୍ରକାଶ କରେ। ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ ୧୯୨୦ରୁ ଚତୁର୍ଥ ଦଶକ ପର୍ଯ୍ୟନ୍ତ ଚାଲିଥିବା ସ୍ୱାଧୀନତା ସଂଗ୍ରାମ, ସପ୍ତମ ଦଶକରେ ଜୟପ୍ରକାଶ ନାରାୟଣଙ୍କ ନେତୃତ୍ୱାଧୀନ ଛାତ୍ର ଆନ୍ଦୋଳନ, ଅଷ୍ଟମ ଦଶକ ଓ ନବମ ଦଶକର ସନ୍ଧି କାଳରେ ମଣ୍ଡଳ ଓ ହିନ୍ଦୁତ୍ୱ ଆନ୍ଦୋଳନ, ୨୦୧୦ ମସିହା ପରବର୍ତ୍ତୀ ସମୟରେ ଆନ୍ନା ହଜାରେଙ୍କ ଦୁର୍ନୀତି ବିରୋଧୀ ସତ୍ୟାଗ୍ରହ; ପ୍ରତିଟି କ୍ଷେତ୍ରରେ ଭାରତର ଯୁବ ଶକ୍ତି ରାଜନୈତିକ ପରିଦୃଶ୍ୟକୁ ପୁନଃନିର୍ମାଣ କରିଛି। ଆଜି ସେହି ଚକ୍ରର ଯେବେ ପରବର୍ତ୍ତୀ ପର୍ଯ୍ୟାୟ ଆସିଛି, ତାହାକୁ ଜ୍ଞାନୀଜନ ଅତ୍ୟନ୍ତ ଶାନ୍ତ ଚିତ୍ତରେ ଲକ୍ଷ୍ୟ କରିବା କଥା। ଲକ୍ଷ୍ୟ କରନ୍ତୁ ଯେ ଏଥରର ଦିଲ୍ଲୀ, ବିହାର, ଝାଡ଼ଖଣ୍ଡ ଓ ଅନ୍ୟ ରାଜ୍ୟରେ ଛାତ୍ର ପ୍ରତିବାଦ ବା ଆନ୍ଦୋଳନର ମୂଳ ମଧ୍ୟବିତ୍ତ ପରିବାରରୁ ହିଁ ଆସିଛି। ଗାନ୍ଧୀ ଶୈଳୀର ଅନ୍ୟତମ ପଥପ୍ରଦର୍ଶକ ସୋନମ ୱାଙ୍ଗଚୁକ ଅହିଂସା ଓ ଅନଶନର ମାର୍ଗ ଅବଲମ୍ବନ କରି ପାରିବେଶିକ ନ୍ୟାୟ ପାଇଁ ସଂଘର୍ଷ କରୁଛନ୍ତି, ଯିଏ ଏହି ବର୍ଗର। ଏହି ଆନ୍ଦୋଳନରେ ସାମିଲ ହୋଇଥିବା ଅନ୍ୟାନ୍ୟ ଯୁବ ଓ ଉତୀର୍ଣ୍ଣ ଯୌବନ ବର୍ଗ ବି ! କାରଣ ମଧ୍ୟବିତ ପରିବାର ହିଁ ପାରମ୍ପରିକ ଭାବେ ବ୍ୟବସ୍ଥା ଉପରେ ଆସ୍ଥା ରଖି ଆଗକୁ ବଢ଼ନ୍ତି। ସେମାନେ ବ୍ୟବସ୍ଥାକୁ ଭରସା କରି ସ୍ୱପ୍ନ ଦେଖନ୍ତି। ଦିଲ୍ଲୀ ବା ବିହାର କିମ୍ବା ଝାଡ଼ଖଣ୍ଡରେ ସେମାନେ ଆଚମ୍ବିତ କରିବା ଭଳି କିଛି ଦାବି କରିନାହାନ୍ତି କି ଆକାଶରୁ ଚନ୍ଦ୍ର ତୋଳି ଆଣି ସେମାନଙ୍କୁ ଧରାଇ ଦେବା ଲାଗି କହିନାହାନ୍ତି। ବରଂ ଈପ୍‌ସିତ ଲକ୍ଷ୍ୟ ହାସଲ ଲାଗି ଉଦ୍ଦିଷ୍ଟ ବ୍ୟବସ୍ଥାକୁ ତ୍ରୁଟିଶୂନ୍ୟ କରିବା ଲାଗି ତ ଚାହୁଛନ୍ତି। ସରକାର ଚାହୁନାହାନ୍ତି କି ? ତେବେ ଦ୍ୱନ୍ଦ୍ୱ କେଉଁଠି ସୃଷ୍ଟି ହେଲାଆମକୁ ବୁଝିବାକୁ ହେବ ଯେ ଆନ୍ଦୋଳନର ଭାଷା ବଦଳିଛି। ସ୍ୱାଧୀନତା, ଆରକ୍ଷଣ ଭିତରେ ଏହା ଆଉ ସୀମିତ ନାହିଁ। ଆଜିର ଯୁବ ଅସନ୍ତୋଷ ବହୁସ୍ତରୀୟ। ଆଖିବୁଜା ଦୁର୍ନୀତି, ସୁବିଧାବାଦୀ ଓ ଲାଭାର୍ଥୀଙ୍କ ପ୍ରବଂଚନା, ଦୌରାତ୍ମ୍ୟ, ପ୍ରଶାସନିକ ନିଷ୍କ୍ରିୟତା, ପ୍ରତିଶ୍ରୁତି ବନାମ ପ୍ରତାରଣା, ଜଳବାୟୁ ପରିବର୍ତ୍ତନ ଜନିତ ବିଭୀଷିକା, ଓ ଲିଙ୍ଗଗତ ନ୍ୟାୟରେ ଅସମତୁଲତା ଭଳି ଅଲକ୍ଷଣ ବ୍ୟବସ୍ଥାର ଅସ୍ଥିମଜ୍ଜାଗତ ହୋଇଯାଇଛି, ଯାହାର ପରିଣାମ ହେଉଛି ଭୀଷଣ ଭାବେ ଆଘାତ ପ୍ରାପ୍ତ ମାନସିକ ସ୍ୱାସ୍ଥ୍ୟ। ଏହି ସବୁ ଏକା ସାଙ୍ଗରେ ନୂଆ ପିଢ଼ିର ରାଜନୈତିକ ଚେତନାକୁ ଗଢୁଛି। ଆମେ ବର୍ତ୍ତମାନ ଯାଏଁ ଏତିକି ଆଶ୍ୱସ୍ତ ଅଛୁ ଯେ ଏହି ଅସନ୍ତୋଷ ରାଜନୈତିକ ପ୍ରକ୍ରିୟାର ଗଣ୍ଡି ଭିତରେ ସୀମିତ ରହିଛି। ହିଂସାତ୍ମକ ମାର୍ଗଠୁ ନୂଆ ପିଢ଼ି ଯଥେଷ୍ଟ ଦୂରରେ ଅଛନ୍ତି। କିନ୍ତୁ ସରକାରମାନେ ମାନି ନିଅନ୍ତୁନି ଯେ ଏମାନଙ୍କ ଧୈର୍ଯ୍ୟ ଅସୀମ। ପ୍ରତିଷ୍ଠାନ ବା ଶାସନ ପ୍ରତି ଥିବା ବିଶ୍ୱାସ-ଅଭାବ ଯେତେବେଳେ ଗୋଟିଏ ଚିନ୍ତାଧାରାରେ ଦୃଢ଼ ହୋଇଯିବ, ସେତେବେଳେ ସାମାଜିକ-ରାଜନୈତିକ ଦୃଶ୍ୟ ପୂର୍ବବତ୍ ରହି ନ ପାରେ ! ଯେଉଁ ମୂଳ ବିନ୍ଦୁଟିକୁ ଆମେ ସ୍ପର୍ଶ କରିବାକୁ ଚାହୁଛୁ, ତାହା ହେଲା ଦେଶର ପ୍ରତ୍ୟେକ ନାଗରିକ, ତାହାର ଜାତି, ଧର୍ମ, ଲିଙ୍ଗ ବା ଅର୍ଥନୈତିକ ପୃଷ୍ଠଭୂମି ନିର୍ବିଶେଷରେ, ସମାନ ସୁଯୋଗ, ସମାନ ମର୍ଯ୍ୟାଦା ଓ ସମାନ ନ୍ୟାୟ ପାଆନ୍ତୁ। ପ୍ରକୃତ ଗଣତନ୍ତ୍ରର ଏହି ପରୀକ୍ଷାରେ ପିଏମ୍, ସିଏମ୍ ବା ଡିଏମ୍ ପାସ୍ କରିବା ଦରକାର। ଅର୍ଥର ଅଭାବ ନାହିଁ; କିନ୍ତୁ ମାନସିକ ଦାରିଦ୍ର୍ୟ ଆମ ବ୍ୟବସ୍ଥାକୁ ସ୍ଥାଣୁ କରିବାକୁ ବସିଲାଣି। ଏହା ଉପରେ ଅଧିକ ତର୍ଜମା ବା ବିତର୍କକୁ ବି ସମସ୍ତେ ଡରିଲେଣି। ଏକଦା ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ କ୍ୟାମ୍ପସ୍‌ରୁ ରାଜନୀତିର ଏହି ମୁଖ୍ୟ ବିନ୍ଦୁ ଉପରେ ଆଲୋଚନା ହେଉଥିଲା। ଦୀର୍ଘ କାଳ ଧରି ଶୈକ୍ଷିକ ବାତାବରଣ ନଷ୍ଟ ଆଳରେ ଆମେ ଯୁବ ବର୍ଗର ଚିନ୍ତା ଓ ଚେତନାକୁ ରୁନ୍ଧି ଦେଲେ। 'ଗାଁ ମୁରବି' ବ୍ୟବସ୍ଥାକୁ ରାଜନୀତି ଜାଲରେ ଛନ୍ଦି ଦିଆଗଲା। ସମର୍ଥ ବ୍ୟକ୍ତିବିଶେଷ, ବୁଦ୍ଧିଜୀବୀ ସୁବିଧାବାଦର ପତାକା ଧରିଲେ। ସରକାର ଅନେକ ଅଶାନ୍ତିକୁ ନିଜ ସୁବିଧା ଦେଖି କେବେ ଲାଭାର୍ଥୀ ଯୋଜନା ଦ୍ୱାରା ଅଥବା କେବେ ପୁଲିସ ଲାଠିରେ ଅଟକାଇବାକୁ ଚେଷ୍ଟା କଲେ। ଅତଏବ ଶାସନକୁ ମାର୍ଗଦର୍ଶନ କରିବା ଲାଗି ଉଦ୍ଦିଷ୍ଟ 'ନାଗରିକ ସମାଜ' ନିଷ୍ପ୍ରଭ ହୋଇଗଲା। ଅନ୍ୟଥା କେହି ତ ଜଣେ ପଚାରିଥାନ୍ତା ଯେ ବଳକା ଧାନ ବିକ୍ରି କରୁଥିବା ଜଣେ ସମର୍ଥ ବ୍ୟକ୍ତିକୁ ପୁଣି 'ମାଗଣା ଚାଉଳ ଯୋଜନା'ରେ ସାମିଲ କରାଗଲା କାହିଁକି ? ଧାନ ଚାଷରେ ବଳକା ରାଜ୍ୟରେ ୮୦୦ ଟଙ୍କାର ସବ୍ ?ସିଡି କେମିତି ? ଏହି ଅର୍ଥ ନିଅ[ଆ ଫସଲ କ୍ଷେତ୍ରରେ ଦିଆଯାଇଥିଲେ, ଅନ୍ୟ ରାଜ୍ୟ ଆଗରେ ହାତ ପତାଇବାକୁ ପଡ଼ିଥାନ୍ତା କି ? କୃଷି ଶ୍ରମିକ ବହୁଳ ରାଜ୍ୟରେ 'ପ୍ରକ୍ରିୟାକରଣ ଶିଳ୍ପ' ପାଇଁ ବଜେଟ୍ ଅନୁଦାନ କମିଛି ନା ବଢ଼ିଛି ? ଅଷ୍ଟମ ଦଶକରୁ ଏମ.ଏସ୍ ?.ଏମ୍ ?.ଇ.କୁ ଗୁରୁତ୍ୱ ଦେଇଥିବା ରାଜ୍ୟ ବୃହତ୍ ଶିଳ୍ପ ପଛରେ କାହିଁକି ? ଏହି ପ୍ରଶ୍ନାବଳୀର ଅନ୍ତ ନାହିଁ। ସରକାର ବିଚାର କରନ୍ତୁ ଯେ ଆଜିର ଭାରତୀୟ ଯୁବପିଢ଼ି ପ୍ରତିଶ୍ରୁତି ଓ କାର୍ଯ୍ୟାନ୍ୱୟନ ମଧ୍ୟରେ ଥିବା ଫାଙ୍କକୁ ଆଉ ଚୁପ୍ ?ଚାପ୍ ? ସହିବେ ନାହିଁ। ସେମାନେ ପ୍ରଶ୍ନ କରିବେ, ପ୍ରତିରୋଧ କରିବେ ଏବଂ ସେହି ପ୍ରଶ୍ନର ଉତ୍ତର ଆଉ ଟାଳଟୁଳ ଢଙ୍ଗରେ ଦେଲେ ଚଳିବ ନାହିଁ।

# ସଂପର୍କ ଓ ସ୍ମୃତି

## ପରାଗ ଆଚାର୍ଯ୍ୟ

ନିକଟରେ ଓ.ଟି.ଟି. ପ୍ଲାଟଫର୍ମରେ 'ପ୍ରିତମ ଆଣ୍ଡ୍ ପେଡ୍ରୋ' ନାମକ ୱେବ୍ ସିରିଜ ଦେଖିବାର ସୁଯୋଗ ପ୍ରାପ୍ତ ହେଲା। କାହାଣୀ ଆରମ୍ଭ ହୋଇଛି ଏଇମିତି ଯେ ଜଣେ ବୃଦ୍ଧଙ୍କର ଟେପ୍ ରେକର୍ଡରଟିଏ ଚୋରି ହୋଇଯାଇଛି। ତେଣୁ ନିଜ ନାତିକୁ ନେଇ ସେ ଥାନାକୁ ଯାଉଛନ୍ତି ଏଫ୍.ଆଇ.ଆର.ଟିଏ ଦେବା ପାଇଁ। ପୁରୁଣା ଟେପ୍ ରେକର୍ଡ ଠାରୁ ଯାହା ଅଧିକ ମହର୍ଗ, ତାହା ହେଉଛି ସେଥିରେ ରହିଯାଇଥିବା ଗୋଟିଏ କ୍ୟାସେଟ। ସେହି କ୍ୟାସେଟଟିରେ ରହିଛି ବୃଦ୍ଧଙ୍କର ଦିବଂଗତ ପତ୍ନୀଙ୍କ ଦ୍ୱାରା ଗାନ ହୋଇଥିବା କିଛି ଗୀତ। ସଂଗୀତ ମାଧ୍ୟମରେ ସେ ଯେତେବେଳେ ପତ୍ନୀଙ୍କର ସୁଲଳିତ କଣ୍ଠସ୍ୱର ଶୁଣନ୍ତି, ତାଙ୍କୁ ପ୍ରତ୍ୟୟ ହୁଏ, ତାଙ୍କ ପରଲୋକାଗତ ପ୍ରିୟତମା, ଏବେ ବି ତାଙ୍କ ସଙ୍ଗରେ ଅଛନ୍ତି। ନିଃସଙ୍ଗ ଜୀବନର ଯନ୍ତ୍ରଣା ମଧ୍ୟରେ ତାହା ପାଲଟିଯାଏ ତାଙ୍କ ପାଇଁ ଏକ ଶାନ୍ତ ମାନସିକ ଆଶ୍ରୟ, ଯାହାର ଛାଇରେ ସେ ଅବଶିଷ୍ଟ ଜୀବନତକ କାଟିଦେବାକୁ ଚାହାନ୍ତି। ତେଣୁ ପୁଲିସକୁ ସେ ଆକୁଳ ନିବେଦନ କରୁଛନ୍ତି, ତାଙ୍କର ଚୋରି ହୋଇଯାଇଥିବା ଟେପ୍ ରେକର୍ଡର ସହ କ୍ୟାସେଟଟିକୁ ଖୋଜିଦେବା ପାଇଁ। କଥାଟିକୁ ଏତିକିରେ ରଖୁଛି। ପ୍ରିୟଜନଙ୍କ ମୃତ୍ୟୁ ପରେ ମଧ୍ୟ ତାଙ୍କ ସହ ମନୋବୈଜ୍ଞାନିକ ସଂପର୍କ ରହିପାରେ। ଏହି ଧାରଣାକୁ 'କଣ୍ଟିନିୟୁଇଙ୍ଗ ବଣ୍ଡ୍' ବା ଅବିଚ୍ଛିନ୍ନ ସଂପର୍କ ବୋଲି କୁହାଯାଏ। 'କଣ୍ଟିନିୟୁଇଙ୍ଗ ବଣ୍ଡ୍‌ସ: ନିୟୁ ଅଣ୍ଡରଷ୍ଟାଣ୍ଡିଙ୍ଗ ଅଫ ଗ୍ରିଫ' (୧୯୯୬) ନାମକ ପୁସ୍ତକରେ ଡେନିସ କ୍ଲାସ, ସିଲଭରମ୍ୟାନ ଓ ନିକମ୍ୟାନଙ୍କ ପରି ମନୋବିଜ୍ଞାନୀମାନେ ଦର୍ଶେଇଛନ୍ତି ଯେ ପ୍ରିୟଜନଙ୍କ ମୃତ୍ୟୁ ପରେ ସହଜ ହେବାର ଅର୍ଥ, ତାଙ୍କୁ ସଂପୂର୍ଣ୍ଣ ଭାବେ ଭୁଲିଯିବା ନୁହେଁ। ବରଂ ମଣିଷ ସେହି ସଂପର୍କକୁ ନୂଆ ରୂପରେ ଜୀବନରେ ଧାରଣ କରିବାକୁ ଚେଷ୍ଟା କରେ। ସେହିପରି ପ୍ରସିଦ୍ଧ ବ୍ରିଟିସ ସାହିତ୍ୟିକ ସି. ଏସ୍. ଲୁଇସଙ୍କ ରଚିତ 'ଏ ଗ୍ରିଫ ଅବଜର୍ଭଡ' ପୁସ୍ତକ ହେଉଛି- ନିଜ ପତ୍ନୀଙ୍କର ଅବର୍ତ୍ତମାନରେ ନିଜ ମନରେ ସୃଷ୍ଟ ଦୁଃଖ, ଶୂନ୍ୟତା ଓ ପ୍ରଶ୍ନକୁ ନେଇ ଚାଲିଥିବା ଗଭୀର ସଂଘର୍ଷର ଏକ ସତ୍ୟ ଦଲିଲ। ତାଙ୍କ ମତରେ ପ୍ରିୟଜନଙ୍କ ଅନୁପସ୍ଥିତି କେବଳ ଏକ ସ୍ମୃତି ନୁହେଁ, ବରଂ ପରବର୍ତ୍ତୀ ଜୀବନର ପ୍ରତ୍ୟେକ ଅନୁଭବର ପୃଷ୍ଠଭୂମି ହୋଇଥାଏ। ଉପରେ ବିସ୍ତାରିତ ଆକାଶ ପରି ସେହି ନିଜ ଲୋକର ଅଭାବ ପ୍ରତ୍ୟେକ ଚିନ୍ତାକୁ ଆବୃତ କରି ରଖେ। ତାଙ୍କର ବିୟୋଗ ସତେ ଯେମିତି ନିଜ ଅସ୍ତିତ୍ୱର ଏକ ଅଙ୍ଗକୁ ନିଶ୍ଚିହ୍ନ କରିଦିଏ। ସେହି ଶୂନ୍ୟତା ପୂରଣା ହେବା କଷ୍ଟ। ତଥାପି ଜୀବନ ମଣିଷକୁ ଶିଖାଏ, ହରେଇଥିବା ଅଙ୍ଗକୁ ଫେରିପାଇବା ନୁହେଁ ବରଂ ତା'ର ଅଭାବ ସହ ନୂତନ ଭାବେ ବଞ୍ଚିବାର କଳା। ମଣିଷ ଜୀବନରେ ପ୍ରେମ ଓ ସ୍ମୃତି କେତେ ଗଭୀର ଶକ୍ତିର ଉତ୍ସ ହୋଇପାରେ, ତା'ର ଅନନ୍ୟ ଉଦାହରଣ ହେଉଛନ୍ତି ଅଷ୍ଟ୍ରିଆର ପ୍ରସିଦ୍ଧ ମନୋବିଜ୍ଞାନ ଚିକିତ୍ସକ ଭିକ୍ଟର ଫ୍ରାଙ୍କଲ। ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ଫ୍ରାଙ୍କଲଙ୍କୁ ନାଜିମାନେ ଏକାଧିକ ନିର୍ଯାତନା ଶିବିରରେ ବନ୍ଦୀ କରିଥିଲେ। ସେଠାରେ ଅତ୍ୟନ୍ତ ଅମାନବୀୟ ପରିସ୍ଥିତିରେ ତାଙ୍କ ପତ୍ନୀଙ୍କର ସ୍ମୃତି ତାଙ୍କ ପାଇଁ ଆଶା ଓ ମାନସିକ ଶକ୍ତିର ଉତ୍ସ ହୋଇଥିଲା। ଫ୍ରାଙ୍କଲ ଅନୁଭବ କରିଥିଲେ ଯେ- ହୃଦୟର ନିଭୃତ କୋଣରେ ସୃଷ୍ଟ ପ୍ରେମ ଏମିତି ଏକ ଅନୁଭବ, ଯାହା ଦୂରତା ଓ ପରିସ୍ଥିତିର କଠିନତାକୁ ଅନାୟାସରେ ଅତିକ୍ରମ କରିପାରେ। ଏହି ଅନୁଭବକୁ ପାଥେୟ କରି ସେ ପରବର୍ତ୍ତୀ ଜୀବନରେ 'ଲୋଗୋଥେରାପି' ଭଳି ମନୋବିଜ୍ଞାନ ଚିକିତ୍ସା ପଦ୍ଧତିର ବିକାଶ କରିଥିଲେ; ଯାହାର ମୂଳ ଧାରଣା ହେଉଛି, ଯଦି ବ୍ୟକ୍ତି ନିଜ ଜୀବନରେ ଏକ ଉଦ୍ଦେଶ୍ୟ ଖୋଜିପାରେ- ତେବେ ସେ ଅତ୍ୟନ୍ତ କଠିନ ପରିସ୍ଥିତିକୁ ସହିଯିବାର କ୍ଷମତା ହାସଲ କରିପାରେ। ଆଜିର ଏ ପ୍ରସଙ୍ଗ ଆଲୋଚନା କଲାବେଳେ ମନେପଡୁଛି ବହୁଦିନ ତଳେ ଦେଖିଥିବା ଇଂରେଜୀ ଚଳଚ୍ଚିତ୍ର 'କାଷ୍ଟଆୱେ'ର 'ଚକ୍ ନୋଲାଣ୍ଡ୍' ଚରିତ୍ର ସମ୍ବନ୍ଧରେ, ଯେଉଁ ଚରିତ୍ରରେ ନିଖୁଣ ଅଭିନୟ କରିଥିଲେ ଖ୍ୟାତନାମା 'ଟମ୍ ହ୍ୟାଙ୍କସ୍'। ଚକ୍ ନୋଲାଣ୍ଡ୍‌ଙ୍କ ଜୀବନସଂଘର୍ଷ ଲୋଗୋଥେରାପିର ଏକ ପ୍ରକୃଷ୍ଟ ଉଦାହରଣ ହେବ ନିଶ୍ଚୟ। ଚଳଚ୍ଚିତ୍ରର କଥାବସ୍ତୁ ଏହିଭଳି। ବିମାନଟିଏ ଦୁର୍ଘଟଣାଗ୍ରସ୍ତ ହୋଇ ସମୁଦ୍ରରେ ଖସିପଡ଼ିଛି। ସେଥିରେ ଥିବା ଅଳ୍ପ ଯାତ୍ରୀଙ୍କ ମଧ୍ୟରୁ କେବଳ ବଞ୍ଚନ୍ତି ନୋଲାଣ୍ଡ୍। ପହଁରି ପହଁରି ନିର୍ଜନ ଛୋଟିଆ ଦ୍ୱୀପଟିଏରେ ଲାଗନ୍ତି। ଅତ୍ୟନ୍ତ ପ୍ରତିକୂଳ ପରିସ୍ଥିତିରେ ଜୀବନସଂଗ୍ରାମ ଜାରି ରହେ। ତାଙ୍କ ପାଖରେ ଦୈବାତ୍ ରହିଯାଇଥିବା ପତ୍ନୀ କେଲିଙ୍କର ଛୋଟ ଫଟୋଟିଏ ହିଁ ତାଙ୍କର ବଞ୍ଚିବାର ସବୁଠାରୁ ବଡ଼ ପ୍ରେରଣା ହୋଇ ରହେ। ପତ୍ନୀଙ୍କର ସ୍ମୃତିରେ ଦିନ କଟେ। ତାଙ୍କୁ ଦିନେ ନିଶ୍ଚେ ଫେରିବାକୁ ହେବ ପ୍ରାଣଧିକା ପତ୍ନୀଙ୍କ ପାଖକୁ। ସେହି ବିଶ୍ୱାସକୁ ପାଥେୟ କରି ଶେଷରେ ସେ ଦ୍ୱୀପରୁ ଉଦ୍ଧାର ପାଇଁ ପତ୍ନୀଙ୍କ ପାଖରେ ପହଞ୍ଚନ୍ତି। ଅବଶ୍ୟ ! ତା'ପରେ ଘଟଣାଟି ଅନ୍ୟ ମୋଡ଼ ନେଇଛି। କିନ୍ତୁ, ସେହି ଚଳଚ୍ଚିତ୍ରର ସାରମର୍ମ କୁହେ- ମଣିଷ କେବଳ ଖାଦ୍ୟରୁ ପ୍ରାପ୍ତ ଶାରୀରିକ ଶକ୍ତିରେ ବଞ୍ଚେ ନାହିଁ। ସେ ବଞ୍ଚେ ଆଶାରେ, ସ୍ମୃତିରେ ଆଉ ସଂପର୍କର ଉଷ୍ମତାରେ। ଶେଷରେ ପୁନର୍ବାର ସେଇଠିକୁ ଆସୁଛି, ଯେଉଁଠାରୁ ଏହି ଆଲେଖ୍ୟଟି ଆରମ୍ଭ ହୋଇଥିଲା। 'ପ୍ରିତମ ଆଣ୍ଡ ପେଡ୍ରୋ'ର ଶେଷ ଦୃଶ୍ୟରେ ଜୀବନର ଅସ୍ତାଚଳରେ ଦଣ୍ଡାୟମାନ ବୃଦ୍ଧଙ୍କୁ ପ୍ରାପ୍ତ ହୋଇଛି ତାଙ୍କର ଚୋରି ହୋଇଯାଇଥିବା ଟେପ୍ ରେକର୍ଡର ଓ କ୍ୟାସେଟଟି। ଯେମିତି ଟେପ୍ ରେକର୍ଡର ସୁଇଚକୁ ଅନ୍ କରାଯାଏ, ନିରବତାକୁ ଭେଦ କରି ସେଥିରୁ ଭାସି ଆସେ, ଦିବଂଗତ ପତ୍ନୀଙ୍କର ପରିଚିତ ମଧୁର କଣ୍ଠସ୍ୱର- ''କଭି କିସିସେ ମାଫି ମାଙ୍ଗଲେ... କଭି କିସିକୋ ମାଫ କର ଭି ଦୋ... ସଫର କୋ ଜରାସା ଆସାନ କର ଭି ଦୋ... ହେ ମାଫିଓଁ ମେଁ ମରହମ୍... ସଭି ଦୁଖୋଁ କା ସଲ୍ୟୁସନ୍... କି ସରି ଲେ-ଦେ କେ ହମ୍... ଦିଲ୍ ?କା ବୋଝ ହଲ୍ ?କା ଚଲ୍ କରେଁ।'' ସେହି କ୍ଷଣରେ ଅନୁଭବ ହୁଏ, ମୃତ୍ୟୁ ଶରୀରକୁ ଦୂର କରିପାରେ, ମାତ୍ର ପ୍ରେମ ଆଉ ସ୍ମୃତିକୁ ନୁହେଁ। ମଣିଷ ନିଜ ପ୍ରିୟଜନଙ୍କ ସ୍ମୃତିକୁ ପାଥେୟ କରି ଜୀବନର ଅବଶିଷ୍ଟ ପଥ ଅତିକ୍ରମ କରିବାକୁ ଚେଷ୍ଟା କରେ। କିନ୍ତୁ ଅବଶିଷ୍ଟ ଜୀବନକୁ ସହଜ ଓ ଶାନ୍ତିପୂର୍ଣ୍ଣ କରିବା ପାଇଁ ଯାହା ଦରକାର, ସେହି ଗଭୀର ସତ୍ୟ ବୋଧହୁଏ ଲୁଚି ରହିଛି ଦିବଂଗତ ପତ୍ନୀଙ୍କର ସେହି ଗୀତ ମଧ୍ୟରେ।

# ମୋଦୀଙ୍କ ନୂଆ ଶବ୍ଦ "ଦିମାଗି ନକ୍ସଲ"

## ଗୋପାଳ ମହାପାତ୍ର

ପ୍ରଧାନମନ୍ତ୍ରୀ ୮୦ ତମ ସ୍ୱାଧିନତା ଦିବସ ଅବସରରେ ଦେଶକୁ ସମ୍ବୋଧିତ କଲାବେଳେ ଏକ ନୂଆ ଶବ୍ଦ ପ୍ରୟୋଗ କରିଛନ୍ତି। ଭାରତୀୟ ରାଜନୀତି ଓ ଭାରତୀୟ ଜନମାନସରେ ଏହି ନୂଆ ଶବ୍ଦ-ଦିମାଗି ନକସଲ (ମାନସିକ ନକସଲ) କୁ ଯୋଡି ଏକ ବିବାଦକୁ ମଧ୍ୟ ଜନ୍ମ ଦେଇଛନ୍ତି। ଭାରତର ଲୋକମାନେ ଏହି ନୂଆ ଶବ୍ଦକୁ ମଧ୍ୟ ତୁରନ୍ତ ଠଉରାଇ ପାରିଛନ୍ତି। ସାମାଜିକ ଗଣ ମାଧ୍ୟମରେ ଏ ପ୍ରସଙ୍ଗରେ ଅନେକ କଥା ପ୍ରସାରିତ ହେଉଛି। ଅନେକେ ମଧ୍ୟ ଗର୍ବରେ ନିଜକୁ ଦିମାଗି ନକ୍ସଲ କହିବାକୁ ଆରମ୍ଭ କଲେଣି। ଏହି ଶବ୍ଦକୁ ନେଇ କକରୋଚ ଜନତା ପାର୍ଟି ଭଳି ଦିମାଗି ଜନତା ପାର୍ଟି ଗଠନ ଭଳି ହାସ୍ୟ କଥା ଉଠିଲାଣି। ଅନ୍ୟ ପକ୍ଷରେ ପୂର୍ବତନ କେନ୍ଦ୍ର ମନ୍ତ୍ରୀ ପି.ଚିଦାୟରମ୍ ମଧ୍ୟ ଗର୍ବରେ ନିଜକୁ ଦିମାଗି ନକ୍ସଲ ବୋଲି କହିଛନ୍ତି। ରାଜନୀତିର ଏକ ମଜାଦାର କଥା ହେଉଛି ରଚୟିତା ହାତରୁ ତୁରନ୍ତ ଖସି ରଚନା (ଶବ୍ଦ) ଅନ୍ୟ ହାତକୁ ଚାଲିଯାଇଛି। ଦିମାଗି ବା ମାନସିକ ସ୍ତରରେ ବା ଅନ୍ୟଅର୍ଥରେ ବୁଦ୍ଧିମାନ ହେବା କୌଣସି ଭୁଲ ନୁହେଁ। କାରଣ ମଣିଷର ପ୍ରମୁଖ ଅଂଗ ହେଉଛି ମସ୍ତିଷ୍କ (ବୁଦ୍ଧି)। ମୁଖ୍ୟ ପ୍ରସଙ୍ଗ ହେଉଛି ଏହି ଦିମାଗି ନକସଲ ଶବ୍ଦ କେଉଁ ମତରେ ଏବଂ କେଉଁ ଅବସରରେ କାହା ଉଦେଶ୍ୟରେ ପ୍ରୟୋଗ କରାଯାଇଛି। ସ୍ୱାଧିନତା ଦିବସ ହେଉଛି ଏମିତି ଏକ ଦିନ ଯେତେବେଳେ ପ୍ରଧାନମନ୍ତ୍ରୀ କୌଣସି ଦଳ ବା ସରକାରର ମୁଖିଆ ଭାବରେ ନୁହେଁ ବରଂ ଗଣରାଜ୍ୟର ସ୍ୱର ଭାବେ ଭାଷଣ ଦେଇଥାନ୍ତି। ଲାଲକିଲ୍ଲା ହେଉଛି ସେଇ ସ୍ଥାନ ଯେଉଁଠାରୁ ଭାରତ ନିଜକୁ ଦେଖିଥାଏ ନିଜର ଯାତ୍ରା, ନିଜର ମହତ୍ୱକାଂକ୍ଷା, ନିଜର ଆଶାକୁ ଏବଂ ନିଜର ଲୋକଙ୍କୁ ଏବଂ ସାରା ଦୁନିଆକୁ କହିଥାଏ ଯେ ଭାରତ ନିଜେ କ'ଣ ଓ ନିଜକୁ କ'ଣ ଭାବେ। ଏହି ଲାଲକିଲ୍ଲାରୁ ଅନେକ ପ୍ରଧାନମନ୍ତ୍ରୀ ଭାଷଣ ଦେଇଛନ୍ତି ଓ ସେମାନଙ୍କ ଭାଷଣ ସାରା ବିଶ୍ୱକୁ ସ୍ତବ୍ଧ କରିଛି। ପଣ୍ଡିତ ଜବାହାରଲାଲ ନେହେରୁ ଏକ ଯୁବ ଭାରତକୁ ବୈଜ୍ଞାନିକ ଦୃଷ୍ଟିକୋଣ ଏବଂ ଆଧୁନିକ ରାଷ୍ଟ୍ର ନିର୍ମାଣର ଭାଷା ଦେଇଥିଲେ। ଲାଲବାହାଦୁର ଶାସ୍ତ୍ରୀଙ୍କ ଭାଷାରେ ଜୟ-ଜବାନ, ଜୟ-କିଶାନ ଥିଲା। ଅଟଳ ବିହାରୀ ବାଜପୟୀ ଶାସ୍ତ୍ରୀଙ୍କ ଭାଷାରେ ଜୟ ବିଜ୍ଞାନ ଯୋଡି ଦେଇଥିଲେ। ଡ଼କ୍ଟର ମନମୋହନ ସିଂହ ଏଇ ଲାଲକିଲ୍ଲାରୁ ଭାରତର "ଜ୍ଞାନ ଅର୍ଥବ୍ୟବସ୍ଥା"ରେ ପ୍ରବେଶର କଥା କହିଥିଲେ। କହିଥିଲେ ଦୁନିଆରେ ଭାରତର ସ୍ଥାନ "ନୂଆ ଗବେଷଣା ଏବଂ ନୂଆଚିନ୍ତା" ଉପରେ ନିର୍ଭର କରିବ। ଏହି ପ୍ରାଚୀରରୁ ଇନ୍ଦିରାଗାନ୍ଧୀ, ରାଜୀବ ଗାନ୍ଧୀଙ୍କ ଭଳି ପ୍ରଧାନମନ୍ତ୍ରୀ ମଧ୍ୟ ଦେଶକୁ ନୂଆ ଦିଗ୍‌ଦର୍ଶନ ଦେଇଛନ୍ତି। ଏହି ଲାଲକିଲ୍ଲାରୁ ଶବ୍ଦର ବ୍ୟବହାରରେ କେହି କେବେ ଏଭଳି ଶବ୍ଦର ବ୍ୟବହାର କରି ନାହାଁନ୍ତି। ଲାଲ କିଲ୍ଲାରୁ କେଉଁ ନେତା ରାଷ୍ଟ୍ରୀୟ କଳ୍ପନା ବାବଦରେ କ'ଣ କହିଛନ୍ତି ସେ କଥା ଏ ଯାବତ୍ ଦେଶବାସୀ ମନେରଖିଛନ୍ତି। ଜବାନ, କିଶାନ, ବିଜ୍ଞାନ, ଜ୍ଞାନ, ନୂଆ ଚିନ୍ତା ଏ ସବୁଶବ୍ଦରେ ରାଷ୍ଟ୍ରୀୟ କଳ୍ପନାର କଥା ଥିଲା। ଏସବୁ ଶବ୍ଦରେ ନୂଆ ଭୂମିକାର ସମ୍ମାନ ଥିଲା, ନୂଆ କ୍ଷମତାକୁ ବିକଶିତ କରିବାର ଆଗ୍ରହ ଥିଲା। ଭାରତ ଆଗାମୀ ଦିନରେ କ'ଣ ହୋଇପାରିବ ତାର ଏକ ରୂପରେଖ ଥିଲା। "ଦିମାଗି ନକସଲ" ଏହାର ଓଲଟା। ଏହି ଶବ୍ଦ ସେଇ ଶବ୍ଦାବଳୀରେ କିଛି ନୂଆ କଥା ଯୋଡି ନାହିଁ। ଲାଲକିଲ୍ଲାର ଏହି ପରମ୍ପରାରେ ପ୍ରଥମଥର ଭାରତୀୟଙ୍କୁ କିଛି ନୂଆକରିବା ପାଇଁ କୁହାଯାଇନାହିଁ ବରଂ ଏକ ନୂଆ ପରିଚୟ ସୃଷ୍ଟି କରାଯାଇଛି ଦିମାଗି ନକସଲ ରୂପରେ। ଏହି ଶବ୍ଦରେ କିଛି ନୂଆ ନାହିଁ ଯାହାକୁ ରାଷ୍ଟ୍ରୀୟ କଳ୍ପନା ସହ ଯୋଡ଼ାଯିବ ବରଂ ରାଷ୍ଟ୍ରୀୟ କଳ୍ପନାରୁ ଭିନ୍ନ କିଛି ରହିଛି। ଅନ୍ୟ ପକ୍ଷରେ ଏହି ବାକ୍ୟାଂଶକୁ କୌଣସି ପକ୍ଷ ଭଳି ନୁହେଁ ଜଣେ ଦେଶ ଭକ୍ତ ଭଳି ଦେଖିଲେ ଏହି ଶବ୍ଦ ଦେଶ ଭକ୍ତିର ଶବ୍ଦ ଲାଗେ ନାହିଁ। ବିଗତ ୧୨ ବର୍ଷ ମଧ୍ୟରେ "ରାଷ୍ଟ୍ରବିରୋଧି" ଶବ୍ଦକୁ ଭାରତର ରାଜନୀତିରେ ଅତି ସହଜ ଭାବେ ବ୍ୟବହାର କରାଯାଇଛି ବୋଲି ମଧ୍ୟ ଅଭିଯୋଗ ଉଠିଛି। ପ୍ରଦର୍ଶନକାରୀଙ୍କ ବିରୁଦ୍ଧରେ, ଛାତ୍ରଙ୍କ ବିରୁଦ୍ଧରେ, ସାମ୍ବାଦିକଙ୍କ ବିରୁଦ୍ଧରେ, ଶିକ୍ଷାବିତ୍‌ଙ୍କ ବିରୁଦ୍ଧରେ, ସାମାଜିକ କାର୍ଯ୍ୟକର୍ତାଙ୍କ ବିରୁଦ୍ଧରେ, ରାଜନୈତିକ ବିରୋଧିଙ୍କ ବିରୁଦ୍ଧରେ ଏହି "ରାଷ୍ଟ୍ରବିରୋଧି" ଶବ୍ଦର ବ୍ୟବହାର କରାଯାଇଛି। ଏହା ରାଷ୍ଟ୍ରୀୟ ଭାବନାର ବିରୋଧି ବୋଲି କୁହାଯିବ ନା ନାହିଁ ?ଦୁର୍ଭାଗ୍ୟ ଯେ ସ୍ୱାଧିନତା ଦିବସ ଅବସରରେ ପ୍ରଧାନମନ୍ତ୍ରୀ କହିଛନ୍ତି ଦେଶ ବାବଦରେ ଚିନ୍ତା କରୁଥିବା ଲୋକଙ୍କ ପ୍ରତି ସାବଧାନ ରୁହ। ଦେଶ ପାଇଁ ଏହାଠାରୁ ଦୁର୍ଭାଗ୍ୟପୁର୍ଣ୍ଣ ବିଶୟ କ'ଣ ହୋଇପାରେ ଯେ ଯେଉଁ ଭାରତୀୟ ଦିମାଗ ବା ବୁଦ୍ଧିକୁ ଆମେ ସାରା ବିଶ୍ୱ ସମ୍ମୁଖରେ ଆମର ଶକ୍ତି ଭାବରେ ଉପସ୍ଥାପନ କରୁଛେ ସେଇ ଦିମାଗ ବା ବୁଦ୍ଧିକୁ ରାଜନୈତିକ ସନ୍ଦେହ ଶ୍ରେଣୀରେ ରଖାଯାଉଛି। ଭାରତ ଏମିତି ଏକ ଦେଶ ଯାହାକୁ ଜ୍ଞାନ- ଶକ୍ତି ଭାବରେ ସାରା ବିଶ୍ୱ ମାନ୍ୟତା ଦେଉଛି। ଭାରତୀୟ ବୈଜ୍ଞାନିକ ମାନେ ବିଦେଶରେ ସଫଳତା ହାସଲ କଲେ ଆମେ ଗର୍ବ କରୁଛେ। ଆମ ଦେଶର ଇଞ୍ଜିନିୟର, ଡାକ୍ତର, ପ୍ରଫେସର ବିଦେଶରେ ସମ୍ମାନୀତ ହେଉଛନ୍ତି। ଆମେ ଶୂନ୍ୟ ଏବଂ ଆର୍ଯ୍ୟଭଟ୍ଟଙ୍କୁ ମନେ ପକାଉଛେ, ନାଳନ୍ଦା, ତକ୍ଷଶୀଳା ପାଇଁ ଆମେ ଗର୍ବ ଅନୁଭବ କରୁଛେ। ଆମକୁ କୃତ୍ରିମ ବୁଦ୍ଧିମତା ଦରକାର, ସେମିକଣ୍ଡକ୍ଟର କାରଖାନା ଦରକାର, ନୋବେଲ ପୁରସ୍କାର, ଷ୍ଟାର୍ଟଅପ୍ ପେଟେ ଏବଂ ଗବେଷଣା ଦରକାର। ପ୍ରଧାନମନ୍ତ୍ରୀ ବାରମ୍ବାର କହୁଛନ୍ତି ବଡ଼ କିଛି ଚିନ୍ତାକର, ସ୍ୱପ୍ନ ଦେଖ, ନୂଆ କିଛି କର। ତା ପରେ ପୁଣି ଆସୁଛି- ଦିମାଗି ନକସଲ। ଭାରତୀୟ ଦିମାଗି (ବୁଦ୍ଧି) ଆବିଷ୍କାର କଲେ ଉତ୍ସବ ପାଳନ କର କିନ୍ତୁ ଦିମାଗ ପ୍ରଶ୍ନ କଲେ ତୃଟି ରହିଲା କେଉଁଠି ? ରାଜନୈତିକ ଭାଷା ଅନେକ ସମୟରେ ଇତିହାସର ପ୍ରମାଣ ପାଲଟିଯାଇଥାଏ। ଏହା ଆଗାମୀ ପୀଢ଼ିକୁ ସୂଚାଇ ଥାଏ ଯେ କେଉଁ ସରକାର କାହାକୁ ପ୍ରଶଂସା କରିଥିଲା, ତାଙ୍କର ଚିନ୍ତାଧାରା କ'ଣ ଥିଲା ଏବଂ କାହାକୁ ଡ଼ରୁଥିଲା। ଏଣୁ ଏଭଳି ଭାଷା ପ୍ରୟୋଗ କରାଯିବା ଉଚିତ୍ ନୁହେଁ ଯାହା ଆଗାମୀ ପିଢ଼ୀଙ୍କୁ ଭୁଲ ସୂଚନା ଦେବ।

Printed, Published,Edited and Ownedby Prakash Kumar Dhal,Printed at Das Offset Printers,Uditnagar,Main Road,Rourkela, Dist. Sundargarh, orissa -769012 & Published at QR.No. ECR-73,Chhend Colony,Rourkela -15, Dist. Sundergarh, Orissa. ସଂପାଦକ: ପ୍ରକାଶ କୁମାର ଧଳ

Mobile : 9439951525,Email: utkalsamachar@gmail.com / utkalsamachar@rediffmail.com (ଏହି ଅଙ୍କରେ ପ୍ରକାଶିତ ସମସ୍ତ ଖବରର ଚୟନ ଏବଂ ସଂପାଦନା ପାଇଁ ପି.ଆର.ବି. ଆକ୍ଟ ଅନ୍ତର୍ଗତ ଉତରଦାୟୀ ସମସ୍ତ ବିବାଦ ରାଉରକେଲା ନ୍ୟାୟପାଳିକାର ଅଧୀନରେ ହିଁ ହେବ।) Phone: 0661-2646999 Editor : Prakash Kumar Dhal

CITY OFFICE: B/204, SECTOR-16, ROURKELA, Pin :769003







# ଝାରସୁଗୁଡ଼ାରେ ନକଲି ଡକାୟତି ଘଟଣା :

## କ୍ୟାଶ୍ ମ୍ୟାନେଜମେଂଟ କମ୍ପାନୀ କର୍ମଚାରୀ ସମେତ ୪ ଗିରଫ

ଝାରସୁଗୁଡ଼ା,୨୪/୮(ନି/ପ୍ର) : କମ୍ପାନୀର ଟଙ୍କା ହେରଫେର କରିବା ପରେ ତାହାକୁ ଲୁଚାଇବା ପାଇଁ ନକଲି ଡକାୟତିର ନାଟକ ରଚିଥିବା ଅଭିଯୋଗରେ ବଡମାଲ ପୁଲିସ ଜଣେ କ୍ୟାଶ୍ ମ୍ୟାନେଜମେଂଟ କମ୍ପାନୀ କର୍ମଚାରୀଙ୍କ ସମେତ ୪ ଜଣଙ୍କୁ ଗିରଫ କରିଛି । ଶନିବାର ପୁଲିସ ଏହି ଘଟଣାର ପର୍ଦ୍ଦାଫାଶ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ରାଉରକେଲା ସେକ୍ଟର-୬ର ପିଙ୍କୁ ସୁନା ଓରଫ ସାନା (୩୩), ମନୋଜ ନନ୍ଦ (୨୨), ରବି ସୁନା (୨୯) ଏବଂ ସେକ୍ଟର-୧୫ର ଆନନ୍ଦ ତାଣ୍ଡିଆ (୩୫) । ପିଙ୍କୁ ଏକ କ୍ୟାଶ୍ ମ୍ୟାନେଜମେଂଟ କମ୍ପାନୀରେ କ୍ୟାଶ୍ ଏକ୍ଜିକ୍ୟୁଟିଭ୍ ଭାବେ କାର୍ଯ୍ୟରତ ଥିଲେ । ଝାରସୁଗୁଡ଼ାର ବିଭିନ୍ନ ଗ୍ରାହକଙ୍କଠାରୁ ଟଙ୍କା ସଂଗ୍ରହ କରି ନିର୍ଦ୍ଦିଷ୍ଟ ବ୍ୟାଙ୍କ ଖାତାରେ ଜମା କରିବା ତାଙ୍କ ଦାୟିତ୍ୱ ଥିଲା । ପୁଲିସର ସୂଚନା ଅନୁଯାୟୀ, ଅଗଷ୍ଟ ୧୮ ତାରିଖରେ ପିଙ୍କୁ ୨.୩୦ ଲକ୍ଷ ଟଙ୍କା ଜମା କରିଥିବା ବେଳେ ଗ୍ରାହକଙ୍କ ଠାରୁ ସଂଗ୍ରହ କରିଥିବା ୫.୩୮ ଲକ୍ଷ ଟଙ୍କା ଜମା କରିନଥିଲେ । କମ୍ପାନୀ ପକ୍ଷରୁ ଟଙ୍କା ସମ୍ପର୍କରେ ପଚରାଯିବା ପରେ ସେ ବଡମାଲ ଥାନା ଅଂଚଳର ଟୟୋଟା ସୋ'ରୁମ୍ ନିକଟରେ ଅଜଣା ବ୍ୟକ୍ତିମାନେ ତାଙ୍କଠାରୁ ୫.୩୮ ଲକ୍ଷ ଟଙ୍କା ଲୁଟି ନେଇଥିବା ଅଭିଯୋଗ କରିଥିଲେ । ଏହା ପୂର୍ବରୁ ସଂଗ୍ରହ କରିଥିବା ଆଉ ୩.୫୯ ଲକ୍ଷ ଟଙ୍କା ମଧ୍ୟ ସେ ଜମା କରିନଥିବା ଜଣାପଡ଼ିଥିଲା । ତେବେ ତାଙ୍କ ବୟାନରେ ଅସଙ୍ଗତି ଏବଂ ପୂର୍ବରୁ ଟଙ୍କା ଜମା ନକରିବା ଘଟଣା ପୁଲିସର ସନ୍ଦେହ ବଢ଼ାଇଥିଲା । ଏହାପରେ ପୁଲିସ ବୈଜ୍ଞାନିକ ତଦନ୍ତ ଆରମ୍ଭ କରିଥିଲା । ସିସିଟିଭି ଫୁଟେଜ୍, ଟେକ୍ନିକାଲ୍ ସର୍ଭିଲାନ୍ସ, ସ୍ଥାନୀୟ ସୂଚନା ଏବଂ ଅଭିଯୁକ୍ତମାନଙ୍କ ଗତିବିଧି ଯାଂଚ୍ କରିବା ପରେ ଘଟଣାଟି ଏକ ପୂର୍ବ ପ୍ରସ୍ତୁତ ଷଡ଼ଯନ୍ତ୍ର ବୋଲି ପୁଲିସ ଜାଣିବାକୁ ପାଇଥିଲା । ଅଭିଯୋଗ ଅନୁଯାୟୀ, ଟଙ୍କା ହେରଫେରକୁ ଲୁଚାଇବା ପାଇଁ ପିଙ୍କୁ ନିଜ ସହଯୋଗୀମାନଙ୍କ ସହ ମିଶି ଡକାୟତିର ନାଟକ ରଚିଥିଲେ । ଅଗଷ୍ଟ ୧୬ ତାରିଖରେ ରାଉରକେଲାରେ ଏହି ଷଡ଼ଯନ୍ତ୍ରର ଯୋଜନା ହୋଇଥିବା ଏବଂ ଦୁଇ ଦିନ ପରେ ଏହାକୁ କାର୍ଯ୍ୟକାରୀ କରାଯାଇଥିବା ପୁଲିସ କହିଛି । ପୁଲିସ ଅନୁସାରେ, ପିଙ୍କୁ ତାଙ୍କ ସମ୍ପର୍କୀୟ ରବିଙ୍କୁ ଏହି ଯୋଜନାରେ ସାମିଲ କରିଥିଲେ । ରବି ଆନନ୍ଦଙ୍କୁ ଏଥିରେ ଯୋଡ଼ିଥିବା ବେଳେ ମନୋଜ ଟଙ୍କା ସଂଗ୍ରହ ହେଉଥିବା ସ୍ଥାନଗୁଡ଼ିକ ସମ୍ପର୍କରେ ସୂଚନା ଦେଇଥିବା ଅଭିଯୋଗ ରହିଛି । ଝାରସୁଗୁଡ଼ା ଏସପି ଜି.ଆର. ରାଘବେନ୍ଦ୍ର କହିଛନ୍ତି ଯେ, ସିସିଟିଭି ଫୁଟେଜ୍, ଟେକ୍ନିକାଲ୍ ସର୍ଭିଲାନ୍ସ, ସ୍ଥାନୀୟ ଗୁଇନ୍ଦା ସୂଚନା ଏବଂ ସନ୍ଦିଗ୍ଧମାନଙ୍କ ଗତିବିଧି ଯାଂଚ୍ କରି ତଦନ୍ତ କରାଯାଇଥିଲା । ତଦନ୍ତରୁ ଘଟଣାଟି ପୂର୍ବ ପ୍ରସ୍ତୁତ ଥିବା ସ୍ପଷ୍ଟ ହୋଇଥିବା ଏବଂ ପିଙ୍କୁ ସୁନା ଏହାର ମୁଖ୍ୟ ଷଡ଼ଯନ୍ତ୍ରକାରୀ ଭାବେ ସାମ୍ନାକୁ ଆସିଥିବା ସେ କହିଛନ୍ତି । ପୁଲିସ ଅଭିଯୁକ୍ତମାନଙ୍କଠାରୁ ୪.୮୯ ଲକ୍ଷ ଟଙ୍କା, ୫ଟି ମୋବାଇଲ୍ ଫୋନ୍ ଏବଂ ୨ଟି ମୋଟରସାଇକେଲ୍ ଜବତ କରିଛି । ଏହି ଘଟଣାରେ ମୋଟ୍ ପ୍ରାୟ ୮.୪୮ ଲକ୍ଷ ଟଙ୍କା ହେରଫେର ହୋଇଥିବା ପୁଲିସ ଆକଳନ କରିଛି । ଏନେଇ ଭାରତୀୟ ନ୍ୟାୟ ସଂହିତାର ଧାରା ୩୧୬(୪) ଏବଂ ୬୧ ଅନୁଯାୟୀ ମାମଲା ରୁଜୁ ହୋଇଛି । ବାକି ଟଙ୍କା ଉଦ୍ଧାର, ଆର୍ଥିକ କାରବାରର ଟ୍ରେଲ୍ ଯାଂଚ୍ ଏବଂ ଘଟଣାରେ ଆଉ କେହି ସମ୍ପୃକ୍ତ ଅଛନ୍ତି କି ନାହିଁ, ସେନେଇ ତଦନ୍ତ ଜାରି ରହିଛି ।

# ଲଗାଣ ବର୍ଷାରେ ଜଳମଗ୍ନ ଝରିଗାଁ ବ୍ଲକ



ଝରିଗାଁ,୨୪/୮(ନି/ପ୍ର) : ନବରଙ୍ଗପୁର ଜିଲ୍ଲା ଝରିଗାଁ ବ୍ଲକରେ ଗତକାଲି ଠାରୁ ଲଗାଣ ବର୍ଷା ଲାଗି ରହିଥିବା ବେଳେ ବ୍ଲକ ପୁରା ଜଳମଗ୍ନ ହୋଇ ପଡିଛି । କେଉଁଠି ଆପ୍ରୋଚ୍ ରାସ୍ତା ବର୍ଷା ପାଣିରେ ଧୋଇ ହୋଇ ଯାଇଥିବା ସୂଚନା ମିଳିଛି ତ ଆଉ କେଉଁଠି କଲଭର୍ଟ ଭାସି ଯିବା ଖବର ଆସୁଛି । ରାସ୍ତା ଉପରେ ଆଣ୍ଠୁଏ ବର୍ଷା ପାଣି ବୋହୁଥିବା ଯୋଗୁଁ ଯାତାୟତ ସମସ୍ୟା ହେଉଥିବା ସୂଚନା ମିଳିଛି । ସେହିଭଳି କିଛି ଗ୍ରାମରେ ବର୍ଷା ପାଣି ଘର ଭିତରେ ପ୍ରବେଶ କରୁଥିବା ଅଭିଯୋଗ ହୋଇଛି । ମିଳିଥିବା ସୂଚନା ପ୍ରକାରେ, ଝରିଗାଁ-ଡ଼ାବୁଗାଁ ରାସ୍ତାରେ ଥିବା ରାମସା ଗ୍ରାମ ନିକଟରେ ଥିବା ଆପ୍ରୋଚ୍ ରାସ୍ତା ବର୍ଷା ପାଣିରେ ଧୋଇ ହୋଇ ଯାଇଥିବା ଅଭିଯୋଗ ହୋଇଛି । ସେହିଭଳି ଫୁପୁଗାଁ ପୋଲ ଉପର ଦେଇ ବର୍ଷା ପାଣି ପ୍ରଭାବିତ ହେଉଥିବା ଯୋଗୁଁ ଝରିଗାଁ-ଡ଼ାବୁଗାଁ ରାସ୍ତାରେ ଯାତାୟତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଛି । ବେଲଝରି ଗ୍ରାମ ଠାରୁ ଦୁମରପଦର ଗ୍ରାମକୁ ଯିବା ରାସ୍ତା ଉପରେ ଥିବା କଲଭର୍ଟ ବର୍ଷା ପାଣିରେ ଭାସି ଯାଇଥିବା ଅଭିଯୋଗ ହୋଇଛି । ଅଧିକ ବର୍ଷା ପାଣି ପ୍ରବାହିତ ହେଉଥିବା ଯୋଗୁଁ ସଠିକ ଜଣାପଡୁନାହିଁ । ସେହିଭଳି ବଡନୀ ଗ୍ରାମ ଠାରୁ ରାମସା ଗ୍ରାମ ରାସ୍ତା ଆଣ୍ଠୁଏ ଉପରେ ବର୍ଷା ପାଣି ବୋହୁଥିବା ଯୋଗୁଁ ଯାତାୟତ ସମସ୍ୟା ହୋଇଛି । ସେହିଭଳି ଚଚା ପଚାଂୟତର ଗବାଗୁଡା, ପାର୍ଲିଆଗୁଡ଼ା, ଦାବିରିମୁଣ୍ଡା, ଭେଜିଗୁଡ଼ା, ଛୁଇଁମାଟିଗୁଡା ଭଳି ବିଭିନ୍ନ ଗ୍ରାମକୁ ସଂଯୋଗ କରୁଥିବା ରାସ୍ତା ଗୁଡିକ ଉପରେ ବର୍ଷା ପାଣି ପ୍ରଭାବିତ ହେଉଥିବା ଯୋଗୁଁ ଯାତାୟତ ସମସ୍ୟା ହେଉଥିବା ଅଭିଯୋଗ ହୋଇଛି ।

### ଫୋଟୋଗ୍ରାଫି ପ୍ରଦର୍ଶନୀ ଉଦ୍‌ଯାପିତ :

# କୃତି ଫୋଟଗ୍ରାଫରଙ୍କୁ ସମ୍ବର୍ଦ୍ଧିତ କଲା ଜିଲ୍ଲା ସାମ୍ବାଦିକ ସଂଘ



ସମ୍ବଲପୁର,୨୪/୮(ନି/ପ୍ର): ସମ୍ବଲପୁର ଜିଲ୍ଲା ସାମ୍ବାଦିକ ସଂଘ ପକ୍ଷରୁ ସାମ୍ବାଦିକ ଭବନ ବିଶ୍ୱ ଫୋଟୋଗ୍ରାଫି ଦିବସରେ ଆରମ୍ଭ ହୋଇଥିବା ଫୋଟୋ ପ୍ରଦର୍ଶନୀ ଆଜି ସନ୍ଧ୍ୟାରେ ଉଦଯାପିତ ହୋଇଯାଇଛି । ସାମ୍ବାଦିକ ସୂର୍ଯ୍ୟ ପାଣିଗ୍ରାହୀଙ୍କ ସଂଯୋଜନାରେ ଆୟୋଜିତ ଉଦଯାପନୀ ସଭାରେ ମୁଖ୍ୟ ଅତିଥି ଭାବରେ ସଂଚୟ ଓ ଆର୍ଥିକ ସେବାର ସହ ନିର୍ଦ୍ଦେଶକ ନୀଳାଂଚଳ ସେଠି, ସମ୍ମାନିତ ଅତିଥି ଭାବରେ ଚଢେଇ କ୍ଲବର ସମ୍ପାଦକ ପ୍ରଶାନ୍ତ ପ୍ରଧାନ ଯୋଗ ଦେଇଥିଲେ । ସମ୍ବଲପୁର ସାମ୍ବାଦିକ ସଂଘର ସଭାପତି ସୁବାଷ ଚନ୍ଦ୍ର ପାଣିଗ୍ରାହୀ ସ୍ୱାଗତ ବକ୍ତବ୍ୟ ଦେବା ସହ ଏହି ବିଶ୍ୱ ଫୋଟୋଗ୍ରାଫି ଦିବସ ରେ ଫୋଟୋ ପ୍ରଦର୍ଶନୀର ଆୟୋଜନ କରିବାର ଉଦେଶ୍ୟ ବିଷୟରେ କହିଥିଲେ । ଶ୍ରୀ ପାଣିଗ୍ରାହୀ ଫୋଟଗ୍ରାଫର ମାନଙ୍କର ସହଯୋଗଙ୍କୁ ଭୂୟସୀ ପ୍ରସଂଶା କରିଥିଲେ । ମୁଖ୍ୟ ଅତିଥି ଶ୍ରୀ ସେଠି କହିଲେ ଯେ, ଚିତ୍ର ରେ ଯେମିତି ଜୀବନ ଥାଏ ଫୋଟୋ ଚିତ୍ର ରେ ରହିଥାଏ ଜୀବନ । ଫୋଟୋଗ୍ରାଫର ଅକ୍ଳାନ୍ତ ପରିଶ୍ରମ ଓ ଏକାଗ୍ରତା ରେ ହିଁ ସୃଷ୍ଟି ହୁଏ ଗୋଟେ ଫୋଟୋ ଯାହାକି ଅମର ହୋଇ ରହିଯାଏ । ତାହାହିଁ ହୋଇଥାଏ ସେଇ ସ୍ରଷ୍ଟା ଫୋଟଗ୍ରାଫରଙ୍କର ତପସ୍ୟା ର ଫଳ । ସମ୍ମାନିତ ଅତିଥି ଶ୍ରୀ ପ୍ରଧାନ ତାଙ୍କର ବକ୍ତବ୍ୟ ରେ କହିଲେ ଯେ, ନିଜର ସ୍ୱପ୍ନରେ ଫୋଟୋ କୁ କ୍ଲିକ କରିବାକୁ ବା କ୍ୟାମେରା ରେ କଏଦ କରିବାକୁ ଲାଗିଯାଏ ଦିନଦିନ ରାତିରାତି ବିତିଯାଏ । ତଥାପି ଫୋଟଗ୍ରାଫର ମନରେ ଶାନ୍ତି ଆସେନାହିଁ ବୋଲି ନିଜ ଅନୁଭୂତି ରୁ କହିଥିଲେ ଶ୍ରୀ ପ୍ରଧାନ । ଏହିଅବସରରେ ଫୋଟୋ ପ୍ରଦର୍ଶନୀରେ ପ୍ରଦର୍ଶନ ପାଇଁ ବହୁମୂଲ୍ୟ ଫୋଟୋ ଦେଇଥିବା ଫୋଟଗ୍ରାଫର ଅରବିନ୍ଦ ମିଶ୍ର, ଶ୍ୟାମ ସୁନ୍ଦର ସ୍ୱାଇଁ, ପ୍ରଶାନ୍ତ ପ୍ରଧାନ, ବିଶ୍ୱନାଥ ବରର୍ମା, ସୌରଭ ଜେନା, ଆଶିଷ ପ୍ରଧାନ, ସୁବାଷ ପାଣିଗ୍ରାହୀ, ଶଙ୍କର ବେହେରା, ଶ୍ରୀଷ୍ଟି ପ୍ରଧାନ, ବିଶ୍ୱଜିତ କାଲୋ, ସୂର୍ଯ୍ୟ ପାଣିଗ୍ରାହୀ, ବିକାଶ ପଲସାନିଆ, ରଂଜିତ ସାହୁ, କରୁଣାକର ଶତପଥି, ଭୁବନେଶ୍ୱର ପାତ୍ର, ଚିତରଞ୍ଜନ ବଡ଼ପଣ୍ଡା, ପ୍ରିୟ ରଞ୍ଜନ ସାହୁ, ଦୀପକ ପଣ୍ଡା ଓ ସ୍ୱର୍ଗତ ବଳମଜୀ ଲାଲଜୀ ଭାରୁ ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଶେଷରେ ଜିଲ୍ଲା ସାମ୍ବାଦିକ ସଂଘ ର ସାଧାରଣ ସମ୍ପାଦକ ଶଙ୍କର ବେହେରା ଏହି ଫୋଟୋ ପ୍ରଦର୍ଶନୀ କୁ ସଫଳ କରିବା ପାଇଁ ସହଯୋଗ ର ହାତ ଦେଇଥିବା ସମସ୍ତଙ୍କୁ ଧନ୍ୟବାଦ ଜଣାଇଥିଲେ ।

# ଭଙ୍ଗା ବ୍ରିଜ୍, ବିପର୍ଯ୍ୟସ୍ତ ସଡ଼କ ; ତୁରନ୍ତ ମରାମତି ଦାବି

ଝାରସୁଗୁଡା,୨୪/୮(ନି/ପ୍ର): ଲଇକେରା ବ୍ଲକ ଅଂଚଳରେ ବିପର୍ଯ୍ୟସ୍ତ ସଡ଼କ, ଭଙ୍ଗା ବ୍ରିଜ୍ ଏବଂ ବର୍ଷାଜନିତ କ୍ଷୟକ୍ଷତିର ଶିକାର ପରିବାରଙ୍କୁ ସହାୟତା ମିଳୁନଥିବା ଅଭିଯୋଗକୁ ନେଇ ସ୍ଥାନୀୟ ଜନପ୍ରତିନିଧି ଓ ବିଜେଡି କର୍ମକର୍ତ୍ତାଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି । ଏନେଇ ଶନିବାର ଲଇକେରା ଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ପ୍ରଶାସନିକ ଅବହେଳା ଏବଂ ବିଧାୟକଙ୍କ କାର୍ଯ୍ୟଶୈଳୀକୁ ନେଇ ତୀବ୍ର କ୍ଷୋଭ ପ୍ରକାଶ କରାଯାଇଥିଲା । ସମ୍ମିଳନୀରେ କୁହାଯାଇଥିଲା ଯେ, ଗତବର୍ଷ ପ୍ରବଳ ବର୍ଷା ଯୋଗୁଁ ଲଇକେରା ବ୍ଲକର ପାକେଲପଡ଼ା, ତିଲେଇମାଲ, ଜାମମାଲ ଆଦି ଅଂଚଳରେ ବ୍ୟାପକ ଫସଲ ନଷ୍ଟ ହୋଇଥିଲା । ଅନେକ ପରିବାରଙ୍କ ଘର ମଧ୍ୟ କ୍ଷତିଗ୍ରସ୍ତ ହୋଇଥିଲା । ଅଭିଯୋଗ ଅନୁଯାୟୀ, ବିଧାୟକ ଘଟଣାସ୍ଥଳ ପରିଦର୍ଶନ କରିଥିଲେ ମଧ୍ୟ ଦୀର୍ଘ ସମୟ ପରେ ମଧ୍ୟ ଅନେକ କ୍ଷତିଗ୍ରସ୍ତ ଚାଷୀ ଓ ପରିବାର ସରକାରୀ ସହାୟତା କିମ୍ବା କ୍ଷତିପୂରଣରୁ ବଚିଂତ ଅଛନ୍ତି । ସେହିପରି ରେଙ୍ଗାଲବେଡ଼ାରୁ ବାଗଡିହି ଶିବମନ୍ଦିର ନିକଟସ୍ଥ ଆରଏମସି ମାର୍କେଟିଂ ରୋଡ୍, ଡୁମେରମୁଣ୍ଡା-ସାନଝୁରିଆମ୍ ବାଇପାସ୍ ଏବଂ କୁଲେମୁରା-ମୁଦ୍ରାଜୋର ବ୍ରିଜ୍ର ଦୁରବସ୍ଥା ନେଇ ମଧ୍ୟ ଉଦ୍‌ବେଗ ପ୍ରକାଶ କରାଯାଇଥିଲା । ଗତବର୍ଷ ବର୍ଷାରେ କୁଲେମୁରା-ମୁଦ୍ରାଜୋର ବ୍ରିଜ୍ ଭୁଶୁଡ଼ି ପଡ଼ିବା ପରେ ଏହି ରାସ୍ତା ଦେଇ ଯାତାୟାତ କରୁଥିବା ସ୍କୁଲ ଛାତ୍ରଛାତ୍ରୀ, ରୋଗୀ ଓ ସାଧାରଣ ଲୋକେ ଦୁର୍ଦ୍ଦଶା ଭୋଗୁଥିବା କୁହାଯାଇଥିଲା । ବ୍ରିଜ୍ ନିର୍ମାଣ ପାଇଁ ଡିପିଆର୍ ପ୍ରସ୍ତୁତ ହୋଇଥିବା ପ୍ରଶାସନ ପକ୍ଷରୁ କୁହାଯାଇଥିଲେ ମଧ୍ୟ ବର୍ଷେ ପରେ ମଧ୍ୟ ନିର୍ମାଣ କାର୍ଯ୍ୟ ଆରମ୍ଭ ହୋଇନଥିବା ଅଭିଯୋଗ ହୋଇଛି । ଜନପ୍ରତିନିଧି ଓ ବିଜେଡି କର୍ମକର୍ତ୍ତାମାନେ ପ୍ରଶାସନିକ ଅଧିକାରୀମାନେ କାଗଜପତ୍ରରେ ସୀମିତ ନରହି ଘଟଣାସ୍ଥଳ ପରିଦର୍ଶନ କରି ତୃଣମୂଳସ୍ତରର ବାସ୍ତବ ସ୍ଥିତି ଅନୁଧ୍ୟାନ କରିବାକୁ ଦାବି କରିଥିଲେ । ଏଥିସହ ବିପର୍ଯ୍ୟସ୍ତ ସଡ଼କ ଓ ଭଙ୍ଗା ବ୍ରିଜ୍ର ତୁରନ୍ତ ମରାମତି, କୁଲେମୁରା-ମୁଦ୍ରାଜୋର ବ୍ରିଜ୍ର ନିର୍ମାଣ କାର୍ଯ୍ୟ ଶୀଘ୍ର ଆରମ୍ଭ ଏବଂ ବର୍ଷାଜନିତ କ୍ଷତିର ଶିକାର ପରିବାରଙ୍କୁ ଆବଶ୍ୟକ ସରକାରୀ ସହାୟତା ପ୍ରଦାନ ପାଇଁ ଦାବି ରଖାଯାଇଥିଲା । ଏହି ସାମ୍ବାଦିକ ସମ୍ମିଳନୀରେ ଜିଲ୍ଲା ପରିଷଦ ସଭାପତି ତୁଳାବତୀ ମିଞ୍ଜ, ଲଇକେରା ବ୍ଲକ ଉପାଧକ୍ଷ ସଞ୍ଜିତ ନାୟକଙ୍କ ସମେତ ଅନିଲ ନାୟକ, କଲିମ୍ ଖାନ୍, ଭୋପାଳ ବେହେରା, ସବିତା ବାଗ, ଅଶୋକ ମାଝୀ, ଅଶ୍ୱିନ ବେହେରା, ଉମାଶଙ୍କର ପ୍ରଧାନ, ଜିତେନ ରଣା, ସୂରଜ ନାୟକ, ଦୁର୍ଗା ନାୟକ, ଦୋଳଗୋବିନ୍ଦ ନାୟକ, ପ୍ରଦୀପ ପଟେଲ, ଲିଙ୍ଗରାଜ ସାହୁ, ବୁଲୁ ସାହୁ, ଉପେନ୍ଦ୍ର, ବିନୋଦ ପଟେଲ, ପ୍ରଦୀପ ନାୟକ, ଅଶୋକ ପଟେଲ, ଭାଗବତୀ ବେହେରା ଓ ମହେନ୍ଦ୍ର ମହାନନ୍ଦଙ୍କ ସମେତ ବହୁ ଜନପ୍ରତିନିଧି ଓ ଦଳୀୟ କର୍ମକର୍ତ୍ତା ଉପସ୍ଥିତ ଥିଲେ ।

# ବେଲପାହାଡ଼ରୁ ଆରମ୍ଭ ହେଲା ଚତୁର୍ଥ ଭଟଲୀ ଶ୍ୟାମ ଡାକ ନିଶାନ ଯାତ୍ରା

## ୧୩୫ କି.ମି. ପଦଯାତ୍ରା ପରେ ବରଗଡ଼ରେ ହେବ ନିଶାନ ଅର୍ପଣ

ଝାରସୁଗୁଡ଼ା,୨୪/୮(ନି/ପ୍ର): ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଶ୍ରୀ ଶ୍ୟାମ ସଖା ମଣ୍ଡଳ ପକ୍ଷରୁ ଅତ୍ୟନ୍ତ ଉତ୍ସାହ ଏବଂ ଭକ୍ତିମୟ ପରିବେଶରେ ଚତୁର୍ଥ ଭଟଲୀ ଶ୍ୟାମ ଡାକ ନିଶାନ ଯାତ୍ରାର ଆୟୋଜନ ଶନିବାର କରାଯାଇଛି । ପ୍ରାପ୍ତ ସୂଚନା ଅନୁଯାୟୀ, ଶନିବାର ବେଲପାହାଡ଼ ସ୍ଥିତ ପ୍ରସିଦ୍ଧ ସଙ୍କଟମୋଚନ ହନୁମାନ ମନ୍ଦିରରୁ ବିଧିବଦ୍ଧ ଭାବେ ନିଶାନ ପୂଜନ କରାଯାଇଥିଲା । ଏହାପରେ ଶ୍ୟାମ ସଖା ମଣ୍ଡଳର ସମସ୍ତ ଭକ୍ତମାନେ ଜୟ ଶ୍ରୀ ଶ୍ୟାମ ର ଦିବ୍ୟ ଉଦ୍ଘୋଷ ସହ ଏହି ଯାତ୍ରାର ଶୁଭାରମ୍ଭ କରିଥିଲେ । ଏହି ପବିତ୍ରଯାତ୍ରାରେ ବେଲପାହାଡ଼ ଅଂଚଳରୁ ବହୁସଂଖ୍ୟାରେ ଶ୍ୟାମ ପ୍ରେମୀ ଓ ସ୍ଥାନୀୟ ନଗରବାସୀ ସାମିଲ ହୋଇଥିଲେ । ସମସ୍ତେ ମିଳିତ ଭାବେ ଯାତ୍ରା ଯେପରି ନିର୍ବିଘ୍ନରେ ସମ୍ପୂର୍ଣ୍ଣ ହୁଏ, ସେଥିପାଇଁ ଶ୍ୟାମଙ୍କ ଚରଣରେ ପ୍ରାର୍ଥନା ଓ ପୂଜାର୍ଚ୍ଚନା କରିଥିଲେ । ଆୟୋଜକଙ୍କ ସୂଚନା ମୁତାବକ, ୧୩୫ କିଲୋମିଟରର ଏହି ଅବିରାମ ଯାତ୍ରା ଅତିକ୍ରମ କରି ଆସନ୍ତା ୨୩ ତାରିଖ ଦିନ ବରଗଡ଼ ଜିଲ୍ଲା ଭଟଲୀ ସ୍ଥିତ ଶ୍ୟାମ ମନ୍ଦିରରେ ଏହି ନିଶାନ ଅର୍ପଣ କରାଯିବ । ଯାତ୍ରାକୁ ନେଇ ସମଗ୍ର ଅଂଚଳରେ ଶ୍ୟାମ ଭକ୍ତଙ୍କ ମଧ୍ୟରେ ଅପୂର୍ବ ଉତ୍ସାହ ଦେଖିବାକୁ ମିଳିଛି ।

# ପାପଡାହାଣ୍ଡି ବ୍ଲକରେ ବର୍ଷାର ତାଣ୍ଡବ



ପାପଡାହାଣ୍ଡି,୨୪/୮(ନି/ପ୍ର): ପାପଡାହାଣ୍ଡି ବ୍ଲକ ରେ ଗତକାଲି ଅପରାହ୍ଣ ଠାରୁ ଆଜି ଦିନସାରା ବର୍ଷା ହେବା ରୁ ପାପଡାହାଣ୍ଡି ବସଷ୍ଟାଣ୍ଡ, ହାଟପଦା ସାହି, ପାଇକ ସାହି, ଭିମା ସାହି, ଗତି ସାହି ଏବଂ ବିଭିନ୍ନ ଖାଲୁଆ ସ୍ଥାନ ମାନଙ୍କ ରେ ଏବଂ ବସଷ୍ଟାଣ୍ଡ ରେ ଅଧିକାଂଶ ଦୋକାନ ରେ ପାଣି ପଶି ଦୋକାନ ସାମଗ୍ରୀ ଗୁଡିକ ନଷ୍ଟ ହୋଇ ଯାଇଛି ଲ ଖବର ପାଇ ସେହି ପାଣିକୁ ଅଗ୍ନିଶ୍ରମ ବିଭାଗ କର୍ମଚାରୀ ମାନେ ବିଭିନ୍ନ ସ୍ଥାନରେ ପମ୍ପ ଲଗାଇ ପାଣି ନିଷ୍କାସନ କରିଥିଲେ । ସେହିପରି ପାପଡାହାଣ୍ଡି ର ବହୁତ ସାହି ରେ ପାଣି ଜମିଥିବା ଦେଖିବାକୁ ମିଳିଲା । ଖବର ପାଇ ତୁରନ୍ତ ପାପଡାହାଣ୍ଡି ପଂଚାୟତ ସମିତି ଉପାଧ୍ୟକ୍ଷ ଶ୍ରୀ ସୁଶାନ୍ତ କୁମାର ବେହେରା ପ୍ରଭାଭିତ ସମସ୍ତ ସ୍ଥାନ କୁ ଯାଇ ପରିଦର୍ଶନ କରି ପ୍ରଶାସନ ନିକଟରେ ଲୋକଙ୍କ ଅସୁବିଧା ବିଷୟରେ କଥାହୋଇଥିଲେ ଏବଂ ସହାୟତା ପାଇ ପ୍ରଶାସନ ନିକଟରେ ଅନୁରୋଧ କରିଥିଲେ । ସେହିପରି ଘାଟୁଗୁଡା ପଂଚାୟତ ର ଛତ୍ରବର ଗ୍ରାମ ର ବିଦ୍ୟାଳୟ ରେ ମଧ୍ୟ ପାଣି ପସିଯାଇଛି । ପଣ୍ଡିକୋଟ ପଂଚାୟତର ଗୁମିଦୋରା ଗ୍ରାମର ଚର୍ଚ୍ଚ ଘର ର ଗୋଟିଏ କାନ୍ଥ ଭାଙ୍ଗି ଯାଇଛି, ଗ୍ରାମ ର ଫୁଲବତୀ ହରିଜନ ଘରର କାନ୍ଥ ଭାଙ୍ଗି ଯାଇଛି ସେ ପିରିବାର ବି ପି ଏଲ ପରିବାର ଅନ୍ତର୍ଭୂକ୍ତ ତେଣୁ ଆବାସ ଯୋଜନା ରେ ଅନ୍ତର୍ଭୁକ୍ତ କରିବାକୁ ସାଧାରଣ ରେ ଦାବି ହେଉଛି ।



ଯୁଯୁମୁରା ବ୍ଲକ କେଶାପାଲି ସରକାରୀ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ପରିସରରେ ଏଚ୍‌ପିଭି ଟିକାକରଣ କାର୍ଯ୍ୟକ୍ରମ

# ନୂଆପଡ଼ାରେ ଜିଲ୍ଲାପାଳଙ୍କ ଅଭିଭାଷଣ ଓ ଛାତ୍ରଛାତ୍ରୀଙ୍କ ସହ ପ୍ରଶ୍ନୋତର ଅଧିବେଶନ

ନୂଆପଡ଼ା, ୨୪/୮(ନି/ପ୍ର) :"କେବଳ ପାଠ୍ୟପୁସ୍ତକ ପଢ଼ିବାରେ ସୀମିତ ନରହି ସୃଜନଶୀଳ ଚିନ୍ତାଧାରାର ବିକାଶ କରନ୍ତୁ । ନିଜ ଦକ୍ଷତାକୁ ଚିହ୍ନଟ କରି ତାହାର ବିକାଶ ପାଇଁ ନିରନ୍ତର ପ୍ରୟାସ କରନ୍ତୁ । ଜୀବନରେ ଯେଉଁଠି ରହିବେ, ସେଠାରେ ଉତ୍କର୍ଷ ହାସଲ କରିବା ସହ ନିଜେ ଏକ ରୋଲ୍ ମଡେଲ୍ ହୋଇ ଅନ୍ୟଙ୍କ ପାଇଁ ପ୍ରେରଣା ପାଲଟନ୍ତୁ ।" ଡିଆଇଇଟି, ନୂଆପଡ଼ାର ଛାତ୍ରଛାତ୍ରୀଙ୍କୁ ଏଭଳି ପ୍ରେରଣା ଦେଇଥିଲେ ଜିଲ୍ଲାପାଳ ମଧୁସୂଦନ ଦାଶ । ଡିଆଇଇଟି, ନୂଆପଡ଼ାରେ ଆୟୋଜିତ ପ୍ରେରଣାଦାୟୀ ଅଭିଭାଷଣ ଓ ପ୍ରଶ୍ନୋତର ଅଧିବେଶନରେ ଯୋଗଦେଇ ଜିଲ୍ଲାପାଳ ଶିକ୍ଷାକୁ କେବଳ ପରୀକ୍ଷାରେ ଭଲ ଫଳାଫଳ ପାଇବାର ମାଧ୍ୟମ ଭାବେ ନଦେଖି ଜୀବନକୁ ବୁଝିବା, ନିଜ ବ୍ୟକ୍ତିତ୍ୱ ଗଢ଼ିବା ଏବଂ ସମାଜ ପାଇଁ ସକାରାତ୍ମକ ଅବଦାନ ରଖିବାର ମାଧ୍ୟମ ଭାବେ ଗ୍ରହଣ କରିବାକୁ ପରାମର୍ଶ ଦେଇଥିଲେ । ପାଠପଢ଼ା ସହ ସୃଜନଶୀଳତା, ଶୃଙ୍ଖଳା ଓ ନେତୃତ୍ୱ ଗୁଣର ବିକାଶ ଉପରେ ସେ ଗୁରୁତ୍ୱାରୋପ କରିଥିଲେ । 'ଶିକ୍ଷାଦାନ ଏକ ଗରିମାମୟ କାର୍ଯ୍ୟ' ଏହି ଭାବନାକୁ ଆତ୍ମସାତ୍ କରି ଭବିଷ୍ୟତର ଶିକ୍ଷକ ଭାବେ ନିଜ ଦାୟିତ୍ୱକୁ ନିଷ୍ଠା, ସମର୍ପଣ ଓ ଗର୍ବର ସହ ନିର୍ବାହ କରିବାକୁ ସେ ଆହ୍ୱାନ ଦେଇଥିଲେ । ଜଣେ ଶିକ୍ଷକ କେବଳ ଜ୍ଞାନ ପ୍ରଦାନ କରନ୍ତି ନାହିଁ, ଛାତ୍ରଛାତ୍ରୀଙ୍କ ଚରିତ୍ର, ଚିନ୍ତାଧାରା ଓ ଭବିଷ୍ୟତ ଗଢ଼ିବାରେ ମଧ୍ୟ ତାଙ୍କର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥାଏ ବୋଲି ଜିଲ୍ଲାପାଳ କହିଥିଲେ । ଏହି ଅବସରରେ ଜିଲ୍ଲାପାଳ ନିଜ ଜୀବନଯାତ୍ରାର ବିଭିନ୍ନ ଅନୁଭୂତି ଛାତ୍ରଛାତ୍ରୀଙ୍କ ସହ ବାଂଟିଥିଲେ । କେନ୍ଦ୍ରାପଡ଼ାରୁ ଆରମ୍ଭ ହୋଇଥିବା ତାଙ୍କ ଜୀବନଯାତ୍ରାରେ ଆର୍ଥିକ ପ୍ରତିବନ୍ଧକ ସତ୍ତ୍ୱେ ତାଙ୍କ ପରିବାର ଶିକ୍ଷା ପାଇଁ କିପରି ଦୃଢ଼ ସମର୍ଥନ ଦେଇଥିଲେ, ସେ ସମ୍ପର୍କରେ ସେ ଉଲ୍ଲେଖ କରିଥିଲେ ।

# ସାର ଅଭାବ ଓ କଳାବଜାର ହୋଇପାରେ ଚାଷ ସମସ୍ୟା

ଜୟପୁର,୨୪/୮(ନି/ପ୍ର): କୋରାପୁଟ ଜିଲ୍ଲାରେ ବର୍ଷା ସହ ଚାଷ କାର୍ଯ୍ୟ ଜୋରଦାର ଭାବେ ଆରମ୍ଭହୋଇଛି । ଲଗାଣ ବର୍ଷା ପରେ ଚାଷୀ ଧାନ ତଳି ପ୍ରସ୍ତୁତି, ବିହନ ବୁଣା, ଜମି ଚାଷ ଏବଂ ରୋପଣ କାର୍ଯ୍ୟରେ ବ୍ୟସ୍ତ ରହିଛନ୍ତି । ହେଲେ ଏହି ସମୟରେ ସବୁଠାରୁ ବଡ଼ ଚିନ୍ତାର ବିଷୟ ପାଲଟିଛି ରାସାୟନିକ ସାରର ଉପଲବ୍ଧତା । ବିଶେଷ କରି ୟୁରିଆ, ଡିଏପି, ଏନ୍‌ପିକେ, ଏମ୍‌ଓପି ଓ ଅନ୍ୟାନ୍ୟ ସାରର ଚାହିଦା ହଠାତ୍ ବଢ଼ିଯାଇଥିବାରୁ ଚାଷୀମାନଙ୍କ ମଧ୍ୟରେ ଅନିଶ୍ଚିତତା ଦେଖାଦେଇଛି । କୋରାପୁଟ ଜିଲା ଏକ କୃଷି ପ୍ରଧାନ ଜିଲ୍ଲା ଓ ଏଠାରେ ଅଧିକାଂଶ ପରିବାର ଚାଷ ଉପରେ ନିର୍ଭରଶୀଳ । ବର୍ଷା ଠିକ୍ ସମୟରେ ହେଲେ ଚାଷୀ ତୁରନ୍ତ ସାର ସଂଗ୍ରହ କରି ଫସଲରେ ପ୍ରୟୋଗ କରିବାକୁ ଚାହାନ୍ତି ଓ କାରଣ ଚାଷର ପ୍ରତ୍ୟେକ ପର୍ଯ୍ୟାୟରେ ସାରର ଆବଶ୍ୟକତା ଭିନ୍ନ ଭିନ୍ନ ଥାଏ । ବିହନ ବୁଣିବାବେଳେ ଡିଏପି ଓ ଏନ୍‌ପିକେର ଚାହିଦା ଅଧିକ ଥିବାବେଳେ ରୋପଣ ପରେ ଗଛର ବୃଦ୍ଧି ପାଇଁ ୟୁରିଆର ବ୍ୟବହାର ବଢ଼ିଥାଏ । ଯଦି ଠିକ୍ ସମୟରେ ସାର ମିଳିନଥାଏ ତେବେ ଫସଲର ବୃଦ୍ଧି ବାଧାପ୍ରାପ୍ତ ହେବା ସହ ଉତ୍ପାଦନ ମଧ୍ୟ କମିଯିବାର ଆଶଙ୍କା ରହିଥାଏ । ପ୍ରତିବର୍ଷ ଚାଷ ଋତୁ ଆସିଲେ ସାର ବଂଟନକୁ ନେଇ କୋରାପୁଟ ଜିଲ୍ଲାରେ ବିଭିନ୍ନ ପ୍ରକାର ସମସ୍ୟା ଦେଖା ଦେଇଥାଏ । ଅନେକ ସମୟରେ ସମବାୟ ସମିତି ଓ ଅନୁମୋଦିତ ସାର ବିକ୍ରୟ କେନ୍ଦ୍ରରେ ଚାଷୀ ସାର ପାଇଁ ଲମ୍ବା ଧାଡ଼ି ଲଗାଇଥାନ୍ତି ଓ ଘଂଟା ଘଂଟା ଅପେକ୍ଷା କରିବା ପରେ ମଧ୍ୟ ଅନେକ ଚାଷୀ ପୂବ ବର୍ଷ ଖାଲି ହାତରେ ଫେରୁଥିବା ଦେଖିବାକୁ ମିଳିଥାଏ । ଏହାର ସୁଯୋଗ ନେଇ କିଛି ଅସାଧୁ ବ୍ୟବସାୟୀ ସାରକୁ ଲୁଚାଇ ରଖି ଅଧିକ ଦାମରେ ବିକ୍ରି କରୁଥିବା ଅଭିଯୋଗ ମଧ୍ୟ ଆସିଥାଏ । ଏହି କଳାବଜାରି ଯୋଗୁଁ ସରକାର ନିର୍ଦ୍ଧାରିତ ଦରଠାରୁ ଅଧିକ ଟଙ୍କା ଦେଇ ସାର କିଣିବାକୁ ଚାଷୀ ବାଧ୍ୟ ହେଉଥିବାରୁ ସେମାନଙ୍କ ଆର୍ଥିକ ବୋଝ ବଢ଼ିଯାଉଥିବା ଦେଖବାକୁ ମିଳିଥାଏ । କୃଷି ବିଶେଷଜ୍ଞଙ୍କ ମତରେ ବର୍ଷା ପରେ ପ୍ରଥମ ଏକରୁ ଦୁଇ ମାସ ସାରର ଚାହିଦା ସର୍ବାଧିକ ରହିଥାଏ । ଏହି ସମୟରେ ଯଦି ପର୍ଯ୍ୟାପ୍ତ ପରିମାଣର ସାର ଯୋଗଣ ନହୁଏ କିମ୍ବା ବଂଟନ ବ୍ୟବସ୍ଥାରେ ଅବ୍ୟବସ୍ଥା ଦେଖାଯାଏ ତେବେ ଚାଷୀ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ହୁଅନ୍ତି । ଠିକ୍ ସମୟରେ ସାର ପ୍ରୟୋଗ ନହେଲେ ଫସଲର ବୃଦ୍ଧି ଉପରେ ସିଧାସଳଖ ପ୍ରଭାବ ପଡ଼େ ଏବଂ ଅମଳ ହ୍ରାସ ପାଇଥାଏ । କୋରାପୁଟ ଜିଲା ଅନେକ ଅଂଚଳରେ କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କ ସଂଖ୍ୟା ଅଧିକ । ଏମାନେ ଋଣ କରି କିମ୍ବା ଧାର ଉପରେ ଚାଷ କରୁଥିବାରୁ ସାରର ଦର ବଢ଼ିଲେ କିମ୍ବା ସମୟରେ ନମିଳିଲେ ସେମାନଙ୍କ ଆର୍ଥିକ ସ୍ଥିତି ଆହୁରି ଦୁର୍ବଳ ହୋଇପଡ଼େ । ଅନେକ ଚାଷୀ ବାଧହୋଇ ବେସରକାରୀ ଦୋକାନରୁ ଅଧିକ ଦାମରେ ସାର କିଣିଥାନ୍ତି ଓ ଏହା ଚାଷ ଖର୍ଚ୍ଚ ବଢ଼ାଇବା ସହ ଲାଭର ପରିମାଣକୁ ମଧ୍ୟ କମାଇ ଦେଇଥାଏ ଓ ତେବେ ଜିଲ୍ଲାରେ ପୂର୍ବ ବର୍ଷ ହୋଇଥିବା ସାର ବଂଟନ ଅନିୟମିତତା ଓ କଳାବଜାର ଘଟଣା ଉପରେ ନଜର ପକାଇଲେ ଚଳିତ ବର୍ଷ ମଧ୍ୟ ସମାନ ସ୍ଥିତି ସୃଷ୍ଟି ହେବାନେଇ ଆଶଙ୍କା ପ୍ରକାଶ ପାଇଛି । କୃଷି ବିଭାଗ ସହ ମିଳିତ ଟିମ୍ କୁନ୍ଦୁରା, କୋଟପାଡ଼ ଜୟପୁରରେ ବିଭିନ୍ନ ସ୍ଥାନରେ ଚଢ଼ାଉ କରି ଏମିତିରେ ଚାଷୀଙ୍କ ଦାବି ଅନୁସାରେ ସରକାର ପ୍ରତ୍ୟେକ ସମବାୟ ସମିତି ଓ ଅନୁମୋଦିତ ବିକ୍ରୟ କେନ୍ଦ୍ରରେ ପର୍ଯ୍ୟାପ୍ତ ପରିମାଣର ସାର ଉପଲବ୍ଧ କରାଇବା ସହ ବଂଟନ ବ୍ୟବସ୍ଥା ଉପରେ କଡ଼ା ନଜର ରଖିବା ଆବଶ୍ୟକ । ସେହିପରି ସାରର କୃତ୍ରିମ ଅଭାବ ସୃଷ୍ଟି କରି କଳାବଜାର କରୁଥିବା ଅସାଧୁ ବ୍ୟବସାୟୀଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହୋଇଛି । କୃଷି ବିଭାଗ ପକ୍ଷରୁ ଚାଷୀଙ୍କୁ ଆବଶ୍ୟକତା ଅନୁଯାୟୀ ସନ୍ତୁଳିତ ସାର ବ୍ୟବହାର କରିବା, ମୃତିକା ପରୀକ୍ଷା ଆଧାରରେ ସାର ପ୍ରୟୋଗ କରିବା ଏବଂ ଅନୁମୋଦିତ ବିକ୍ରେତାଙ୍କ ଠାରୁ ରସିଦ ସହ ସାର କିଣିବାକୁ ପରାମର୍ଶ ଦିଆଯାଇଛି । ଏହାଦ୍ୱାରା ଅନିୟମିତତା ରୋକାଯିବା ସହ ଚାଷୀଙ୍କ ସ୍ୱାର୍ଥ ମଧ୍ୟ ସୁରକ୍ଷିତ ରହିପାରିବ ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି । ବର୍ଷା ସହ କୋରାପୁଟ ଜିଲାର ବୈପାରିଗୁଡ଼ା, ଜୟପୁର, ବୋରିଗୁମ୍ମା, କୋଟପାଡ଼, କୁନ୍ଦୁରାରେ ଚାଷ କାର୍ଯ୍ୟ ଗତି ଧରିଥିବାବେଳେ ସାରର ନିରବଚ୍ଛିନ୍ନ ଯୋଗାଣ ଏବଂ କଳାବଜାରି ରୋକିବା ଏବେ ପ୍ରଶାସନ ପାଇଁ ଏକ ବଡ଼ ଆହ୍ୱାନ ପାଲଟିଛି ।




# ସୁନ୍ଦରଗଡ କେ. ବଲାଙ୍ଗ୍ ଅଂଚଳରୁ ମାଓ ଅସ୍ତ୍ରଶସ୍ତ୍ର ପୁନରୁଦ୍ଧାର



ରାଉରକେଲା,୨୪/୮(ନି/ପ୍ର): ଗତ ୨୦୨୬ ଅଗଷ୍ଟ ୨୩ ତାରିଖ ଦିନ ସୁନ୍ଦରଗଡ ଜିଲ୍ଲା କେ.ବଲାଙ୍ଗ ଥାନା ଅନ୍ତର୍ଗତ ସିଲକୁଟା ରିଜର୍ଭ ଫରେଷ୍ଟ (ଜର)ରେ ଏକ ଗୁପ୍ତ ମାଓ ଅସ୍ତ୍ରଶସ୍ତ୍ର ଗଚ୍ଛିତ ଥିବା ସମ୍ପର୍କରେ, ଆତ୍ମସମର୍ପଣ କରିଥିବା ନକ୍ସଲମାନଙ୍କୁ ବିସ୍ତୃତ ପଚରାଉଚରା ସମୟରେ ମିଳିଥିବା ସୂଚନା ଆଧାରରେ, ଉଠର ଏବଂ ଇଉଉଝର ମିଳିତ ଦଳ ଦ୍ୱାରା ଏକ ଅନୁସନ୍ଧାନ ଏବଂ ଅଂଚଳ ଆଧିପତ୍ୟ ଅଭିଯାନ ଆରମ୍ଭ କରାଯାଇଥିଲା। ଏହି ଅପରେସନ୍ ସମୟରେ, ମିଳିତ ଦଳ, ଜଙ୍ଗଲ ଅଂଚଳର ଏକ ପୁଙ୍ଖାନୁପୁଙ୍ଖ ସନ୍ଧାନ କରିଥିଲା । ଏହି ସନ୍ଧାନ ସମୟରେ ଅସ୍ତ୍ରଶସ୍ତ୍ର ସମେତ ଗୁଳିଗୋଳା, ବିସ୍ଫୋରକ, ମାଓ ପୁସ୍ତିକା ଏବଂ ମାଓ ଶିବିର-ସମ୍ବନ୍ଧୀୟ ଲେଖା ଥିବା ଏକ ଗୁପ୍ତ ଡମ୍ପକୁ ଚିହ୍ନଟ ସହ ଉଦ୍ଧାର କରାଯାଇଥିଲା। ଏହି ମାଓ ସାମଗ୍ରୀ ଗୁଡ଼ିକୁ ଉପଯୁକ୍ତ ପ୍ରକ୍ରିୟା ଅନୁସାରେ ଉଦ୍ଧାର କରାଯିବା ସହିତ ସାମଗ୍ରୀଗୁଡ଼ିକୁ ସୁରକ୍ଷିତ ଏବଂ କବଜାକୁ ନିଆଯାଇଥିଲା। ମାଓ ନେଟୱାର୍କଗୁଡ଼ିକୁ ଭାଙ୍ଗିବା ଏବଂ ସେମାନଙ୍କୁ ଅସ୍ତ୍ରଶସ୍ତ୍ର, ଗୋଳାବାରୁଦ, ବିସ୍ଫୋରକ ଏବଂ ଅନ୍ୟାନ୍ୟ ଲଜିଷ୍ଟିକ୍ ସମ୍ବଳର ପ୍ରବେଶରୁ ବଂଚିତ କରିବା ପାଇଁ ଚାଲିଥିବା ପ୍ରୟାସରେ ଗୁପ୍ତ ଡମ୍ପ ଅସ୍ତ୍ରଶସ୍ତ୍ର ଉଦ୍ଧାର ପୋଲିସର ଏକ ଗୁରୁତ୍ୱପୂର୍ଣ୍ଣ ସଫଳତା। ଏଠାରେ ଉଲ୍ଲେଖ ଯୋଗ୍ୟ ଯେ, କେନ୍ଦ୍ର ଗୃହମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କ ନେତୃତ୍ୱରେ, ଓଡ଼ିଶା ରାଜ୍ୟକୁ ଗତ ୨୦୨୬ ମାର୍ଚ୍ଚ ୩୧ରେ ନକ୍ସଲମୁକ୍ତ ରାଜ୍ୟ ଘୋଷଣା କରାଯାଇଥିଲା। ଏହି ପଦକ୍ଷେପ ପୁନରୁଦ୍ଧାର ଅସ୍ତ୍ରଶସ୍ତ୍ର ପ୍ରଭାବିତ ଅଂଚଳରେ ଶାନ୍ତି, ସୁରକ୍ଷା ଏବଂ ସ୍ଥାୟୀ ସ୍ଥିରତା ବଜାୟ ରଖିବା ପାଇଁ ସୁରକ୍ଷା ବାହିନୀର ନିରନ୍ତର ପ୍ରୟାସକୁ ଆହୁରି ପ୍ରତିଫଳିତ କରିବ। ପୁନରୁଦ୍ଧାର ଅସ୍ତ୍ରଶସ୍ତ୍ର ମଧ୍ୟରେ ରହିଛି ଗୋଟିଏ ଉଗ ୯ଙ୍କଙ୍କ ୧ଇ୧ (କାର୍ବାଇନ) ଯାହାର ପଞ୍ଜିକୃତ ନମ୍ବର ଡ୨ଏ ୧୮୯-୧୬୮୯୫୮, ବର୍ଷ- ୧୯୯୭। ଗୋଟିଏ ଆଇଇଡି (ଓରଉ) କଂଟେନର, ୧୫ଟି ଡେଟୋନେଟର, ଦୁଇଟି ମାଓ ପତ୍ରିକା ବା ପୁସ୍ତିକା, ଗୋଟିଏ ସିଲିଂ, ଗୋଟିଏ ମୋଟୋରୋଲା ୱାକି ଟକି, ୨୦ଟି ୯ଗଗ ବଲ୍ ଗୋଳାବାରୁଦ, ଗୋଟିଏ କାଇୱିଟ୍ସ କଗ୧୦୦ ଡିଜିଟାଲ୍ ମଲ୍ଟି ମିଟର, ଗୋଟିଏ ଚାର୍ଜର ବ୍ୟାଟେରୀ, ଗୋଟିଏ ୱାକି ଟକି ଫ୍ରିକ୍ୱେନ୍ସି, ଦୁଇଟି ୱାକି ଟକି ପାଉଚ୍ ଏବଂ ଅନ୍ୟାନ୍ୟ ପାଉଚ୍।

## ଇଦ୍ ମିଲାଦ-ଉନ୍-ନବି ପାଇଁ ପ୍ରସ୍ତୁତି :

# ଶୋଭାଯାତ୍ରାରେ ୪୦,୦୦୦ ଶ୍ରଦ୍ଧାଳୁ ଯୋଗଦେବାର ଆଶା

ରାଉରକେଲା,୨୪/୮(ନି/ପ୍ର): ଇଦ୍ ମିଲାଦ-ଉନ୍-ନବି ପାଇଁ ରାଉରକେଲା ସହରରେ ପ୍ରସ୍ତୁତି ଜୋରସୋରରେ କରାଯାଇଛି। ଅଗଷ୍ଟ ୨୬ ତାରିଖ ବୁଧବାର ଦିନ ରାଉରକେଲା ସହରର ଜଲସା-ଏ-ମହମ୍ମଦିର ଏକ ମହାନ ଶୋଭାଯାତ୍ରା ଅନୁଷ୍ଠିତ ହେବାକୁ ଯାଉଛି। ଆଜି ଏନେଇ ପୂର୍ବାହ୍ନ ୧୧ଟାରେ ନାଲା ରୋଡର ମଦ୍ରାସା ମିଫତାହୁଲ୍ ଉଲୁମର ତତ୍ତ୍ୱାବଧାନରେ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏହି ଶୋଭାଯାତ୍ରା ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ଉଦବୋଧନ ଦେଇ ହଜରତ ମୋହସିନ୍ ମିଆଁ ଶୋହରୱାର୍ଦି କହିଥିଲେ ଯେ ଇସଲାମିକ୍ କ୍ୟାଲେଣ୍ଡର ଅନୁଯାୟୀ, ପ୍ରଫେଟ୍ ମହମ୍ମଦଙ୍କ ଜନ୍ମଦିନ, ପ୍ରତିବର୍ଷ ରବିଉଲ୍ ଅୱ୍ୱାଲରେ ଇଦ୍ ମିଲାଦ-ଉନ୍-ନବି ପାଳନ କରାଯାଏ। ଏହି ସମାନ ଧାରାରେ, ଚଳିତ ବର୍ଷ ଅଗଷ୍ଟ ୨୬ ତାରିଖରେ ଇଦ୍ ମିଲାଦ-ଉନ୍-ନବୀ ମହା ଭକ୍ତି ଏବଂ ଉତ୍ସାହର ସହିତ ପାଳନ କରାଯିବ। ଯମଦ୍ରାସା ମିଫତାହୁଲ୍ ଉଲୁମ୍ ସଭାପତି ଅନୱର କୁରେଶୀ ଏବଂ ସଚିବ ମକସୁଦ୍ ଆଲାମ୍ (ମସୁଆ ଭାଇ) କହିଥିଲେ ଯେ ଚଳିତ ବର୍ଷ ଶୋଭାଯାତ୍ରାରେ ପୂର୍ବ ବର୍ଷଗୁଡ଼ିକ ଅପେକ୍ଷା ଜଲସା-ଏ-ମହମ୍ମଦୀରେ ଅଧିକ ସଂଖ୍ୟକ ଭକ୍ତ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। ପ୍ରାୟ ୪୦,୦୦୦ ଭକ୍ତ ଶୋଭାଯାତ୍ରାରେ ଅଂଶଗ୍ରହଣ କରିବେ। ଏଥିରେ ପ୍ରାୟ ୩୦ଟି ଯାନବାହାନ ଶୋଭାଯାତ୍ରା ସହିତ ସାମିଲ ହେବେ। ସକାଳ ୯ଟାରେ ନାଲା ରୋଡ୍ ସ୍ଥିତ ମଦ୍ରାସା ମିଫତାହୁଲ୍ ଉଲୁମରୁ ଶୋଭାଯାତ୍ରା ଆରମ୍ଭ ହେବ। ଏହା ପରେ ଶୋଭାଯାତ୍ରା ନାଲା ରୋଡ୍ ଛକ, ବିଗ୍ ବଜାର, ଦରଗାହି ମୋହଲ୍ଲା, ପୁରୁଣା ଷ୍ଟେସନ ରୋଡ୍, ଦୂରଦର୍ଶନ, ପ୍ଲାଂଟ ସାଇଟ୍, ମହତାବ ରୋଡ୍, ଟ୍ରାଫିକ୍ ଗେଟ୍, ରିଙ୍ଗ ରୋଡ୍, ବିସ୍ରା ଚୌକ୍, ଜିଟି ଲେନ୍, ମନୋରମା ମାର୍କେଟ୍, ଚନ୍ଦ୍ରଲୋକ ହୋଟେଲ ଏବଂ ଆନନ୍ଦ ଭବନ ଲେନ୍ ଦେଇ ମହତାବ ରୋଡକୁ ଫେରିବ। ଶୋଭାଯାତ୍ରା ଅପରାହ୍ନ ପ୍ରାୟ ୨ଟାରେ କୁରେଶୀ ମୋହଲ୍ଲା ନିକଟରେ ପ୍ରାର୍ଥନା ସହିତ ଶେଷ ହେବ।

## ସର୍କିଟ ହାଉସ ଅସ୍ତ୍ରଶସ୍ତ୍ର ଜବତ ମାମଲାରେ ଆଉ ୨ ଗିରଫ :

# ଗିରଫ ଅଭିଯୁକ୍ତଙ୍କ ସଂଖ୍ୟା ୯କୁ ବୃଦ୍ଧି



ରାଉରକେଲା,୨୪/୮(ନି/ପ୍ର): ସର୍କିଟ ହାଉସରୁ ଅସ୍ତ୍ରଶସ୍ତ୍ର ଏବଂ ଗୁଳି ଜବତ ଘଟଣାର ତଦନ୍ତ ଏକ ନୂତନ ମୋଡ଼ ନେଇଛି। ଏହି ମାମଲାରେ ଗିରଫଙ୍କ ସଂଖ୍ୟା ବୃଦ୍ଧି ପାଇବା ସହିତ ପୂର୍ବରୁ ୭ ଜଣଙ୍କୁ ଗିରଫ କରିଥିବା ବେଳେ, ପୋଲିସ ପକ୍ଷରୁ ଏବେ ଏହି ମାମଲାରେ ଆଉ ଦୁଇ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଗିରଫ ଦୁଇ ଅଭିଯୁକ୍ତ ହେଲେ ସୁରଜ ଗୁପ୍ତା ଏବଂ ଆଦର୍ଶ ସାହୁ ବୋଲି ଚିହ୍ନଟ କରାଯାଇଛି। ପୋଲିସ ସୂତ୍ରରୁ ଜଣାପଡିଛି ଯେ, ଏହି ତଦନ୍ତରେ ସୁନ୍ଦରଗଡ ସାଂସଦଙ୍କ ପ୍ରତିନିଧି ପ୍ରକାଶ ପାଶୱାନଙ୍କ ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି। ପୋଲିସ ପ୍ରମାଣ ପାଇଛି ଯେ, ପ୍ରକାଶ ପାଶୱାନ ଅପରାଧିକ ପୃଷ୍ଠଭୂମି ଥିବା ବ୍ୟକ୍ତିଙ୍କ ପାଇଁ ସର୍କିଟ ହାଉସକୁ ଏକ ନିରାପଦ ଆଶ୍ରୟସ୍ଥଳରେ ପରିଣତ କରିବାରେ ସମ୍ପୃକ୍ତ ଥିଲେ। ତଦନ୍ତ ସମୟରେ, ପୋଲିସ୍ ପାଶୱାନଙ୍କ ଦ୍ୱାରା ବ୍ୟବହୃତ ହେଉଥିବା ଗାଡିର ମାଲିକ ମହମ୍ମଦ ମୋହିମଙ୍କ ସମେତ ଗୋପବନ୍ଧୁପାଲ୍ଲିର ଅନ୍ୟ ଜଣେ ବ୍ୟକ୍ତିଙ୍କୁ ପଚରାଉଚରା ପାଇଁ ଅଟକ ରଖିଛି। ପୋଲିସର ସୂଚନା ଅନୁସାରେ ଗିରଫ ଅଭିଯୁକ୍ତମାନେ ନିଜର ସୁରକ୍ଷା ପାଇଁ ବାଲି ମାଫିଆ ଗୋଷ୍ଠୀଙ୍କ ଠାରୁ ଟଙ୍କା ସଂଗ୍ରହ କରିବାରେ ସମ୍ପୃକ୍ତ ଥିବା ଏବଂ ବିଭିନ୍ନ ସ୍ଥାନରେ ଚାନ୍ଦା ଆଦାୟ କରୁଥିବା ଅଭିଯୋଗ ହୋଇଛି। ତଦନ୍ତ ସମୟରେ ଗୋରୁ ଚାଲାଣରେ ସେମାନଙ୍କର ସମ୍ପୃକ୍ତି ମଧ୍ୟ ସାମ୍ନାକୁ ଆସିଛି। ପୋଲିସ ବର୍ତ୍ତମାନ ପଳାତକ ପ୍ରକାଶ ପାସୱାନଙ୍କୁ ଖୋଜୁଛି। ତାଙ୍କୁ ଖୋଜିବା ଏବଂ ଗିରଫ କରିବା ପାଇଁ ସମଗ୍ର ଓଡ଼ିଶା ସମେତ ରାଜ୍ୟ ବାହାରେ ମଧ୍ୟ ବିଭିନ୍ନ ସ୍ଥାନରେ ପୋଲିସ୍ ଦଳଙ୍କୁ ମୁତୟନ କରାଯାଇଛି। ପୋଲିସର ସୂଚନା ଅନୁଯାୟୀ ଅଗଷ୍ଟ ୧୪ ତାରିଖ ବିଳମ୍ବିତ ରାତିର ଚଢାଉ ସମୟରେ ପ୍ରକାଶ ପାସୱାନ ରାଉରକେଲା ସର୍କିଟ ହାଉସରେ ଉପସ୍ଥିତ ଥିଲେ ବୋଲି ପୋଲିସ ଜାଣିବାକୁ ପାଇଛି। ପୋଲିସ୍ ପକ୍ଷରୁ ତଦନ୍ତ ସମୟରେ ଜଣାପଡିଛି ଯେ, ଅଭିଯୁକ୍ତଙ୍କ ଆଶ୍ରୟସ୍ଥଳ ଭାବରେ ସର୍କିଟ ହାଉସକୁ କେଉଁ ପରିସ୍ଥିତିରେ ବ୍ୟବହାର କରାଯାଇଥିଲା ତାହା ମଧ୍ୟ ଯାଂଚ କରାଯାଉଛି।

# ୯୮ତମ ଦ୍ୱି-ଦିବସୀୟ ଆନ୍ତଃରାଜ୍ୟ ଆଂଚଳିକ ଅଭିଭାବକ ସମ୍ମିଳନୀ ଉଦ୍‌ଯାପିତ



ରାଉରକେଲା,୨୪/୮(ନି/ପ୍ର): ପରିବାର ଏନସିପିଓ ଓଡିଶା, ମୌଲାନା ଆଜାଦ୍ ଉର୍ଦ୍ଦୁ ୟୁନିଭରସିଟି ହାଇଦ୍ରାବାଦର ମିଳିତ ଆନୁକୁଲ୍ୟରେ ଶ୍ରଦ୍ଧା ପକ୍ଷରୁ ୨ ଦିନିଆ ୯୮ତମ ଦ୍ୱି-ଦିବସୀୟ ଆଂଚଳିକ ଅଭିଭାବକ ସମ୍ମିଳନୀ ଓଡିଶା-୨୦୨୬ ରାଉରକେଲାର ବରଟୋଲି ସ୍ଥିତ ପଦ୍ମିନୀ ପାଲେସ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ରାଉରକେଲା ବିଧାୟକ ସାରଦା ପ୍ରସାଦ ନାୟକ ପ୍ରଥମ ଦିବସର ମୁଖ୍ୟଅତିଥି ଭାବେ ଯୋଗଦେଇ ମାନସିକ ଭିନ୍ନକ୍ଷମମାନଙ୍କର ଚାଲିଚଳନ ଓ ବ୍ୟବହାର ଅନ୍ୟ ଭିନ୍ନକ୍ଷମମାନଙ୍କ ଠାରୁ ଅଲଗା ହୋଇଥାଏ ଏବଂ ଏମାନଙ୍କର ମନରେ ଟିକିଏ ମାତ୍ର ଛନ୍ଦକପଟ ନଥାଏ ବୋଲି କହିବା ସହିତ ଏମାନେ ଭାରି ସ୍ନେହୀ ଓ ସରଳ ବୋଲି କହିଥିଲେ। ଏମାନେ ବହୁ ଖେଳ, ନାଚ, ଚିତ୍ର ଆଙ୍କିବା ସହିତ ବହୁ ଗୁଣରେ ପାରଙ୍ଗମ ମଧ୍ୟ। ଏମାନଙ୍କର ସ୍ୱତନ୍ତ୍ର ଶିକ୍ଷା, ଅନ୍ୟାନ୍ୟ ତାଲିମ, ଥଇଥାନ ଓ ଯାତାୟତ ପ୍ରଭୃତିରେ ସରକାର ସ୍ୱତନ୍ତ୍ର ଆଇନ ପ୍ରଣୟନ କରିଛନ୍ତି। ସେହି ଆଇନକୁ ସଠିକ୍ ଭାବେ ପ୍ରଣୟନ କରିବା ପାଇଁ ଅଭିଭାବକ, ଭିନ୍ନକ୍ଷମ ସଂସ୍ଥା ଓ ସରକାରଙ୍କ ମିଳିତ ପ୍ରଚେଷ୍ଟା ରହିବା ଉଚିତ୍। ଦୀର୍ଘ ୨୫ ବର୍ଷ ହେବ ରାଉରକେଲାର ବିଭିନ୍ନ ସଂସ୍ଥା ତଥା ଶ୍ରଦ୍ଧା ଓ ହୋମ୍ ଆଣ୍ଡ ହୋପ୍ ବହୁ ସମୟରେ ଏହି ମାନସିକ ଭିନ୍ନକ୍ଷମମାନଙ୍କ ସହିତ ମିଶିବାର ସୁଯୋଗ ପାଇଛି। ତେଣୁ ଏମାନଙ୍କର ସାମୁହିକ ଉନ୍ନତି ପାଇଁ ଆମ୍ଭମାନଙ୍କର ମିଳିତ ପ୍ରଚେଷ୍ଟା ରହିବା ଉଚିତ୍। ପ୍ରାରମ୍ଭରେ ସମ୍ମୀଳନୀର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ପରିବାର ଏନସିପିଓ ଓଡିଶା ସଭାପତି ପ୍ରଭାକର ସାହୁ ଆଲୋକପାତ କରିଥିବା ବେଳେ ଆବାହକ ଡ଼. ରାମକୃଷ୍ଣ ବିଶ୍ୱାଳ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ରଖିଥିଲେ। ଯତ୍ନରୁ ସଶକ୍ତିକରଣ, ସୁଦୃଢ଼ ପରିବାର ଏବଂ ସାମୂହିକ ପ୍ରୟାସ ମାଧ୍ୟମରେ ସମାବେଶୀ ସମାଜ ଗଠନ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ମାନସିକ ଭିନ୍ନକ୍ଷମ ବ୍ୟକ୍ତିମାନଙ୍କର ଶୈଶବରୁ ଯୁବାବସ୍ଥା ପର୍ଯ୍ୟନ୍ତ ଅଭିଭାବକ ଏବଂ ସେବା ଓ ଯତ୍ନ ଯୋଗାଉଥିବା ବ୍ୟକ୍ତି ବିଶେଷଙ୍କୁ ନେଇ ଏକ ଆଲୋଚନାଚକ୍ର ଆୟୋଜନ କରାଯାଇଥିଲା। ଏହି ଦ୍ୱିଦିବସୀୟ କର୍ମଶାଳାରେ ସାମ୍ବିଧାନିକ ବ୍ୟବସ୍ଥା, ଦିବ୍ୟାଙ୍ଗମାନଙ୍କର ଅଧିକାର ଓ ଆଇନ ନିୟମ ୨୦୧୬, ନ୍ୟାସନାଲ ଟ୍ରଷ୍ଟ ଆଇନ ୧୯୯୯, ଦିବ୍ୟାଙ୍ଗଙ୍କ ମୌଳିକ ଅଧିକାର ସମ୍ପର୍କରେ ବିସ୍ତୃତ ଭାବେ ବିଶେଷଜ୍ଞମାନେ ଆଲୋଚନା କରିଥିଲେ। ଚୈତାଲି ଗାମୀ, ଦୀପା ବାନାର୍ଜୀ, ପ୍ରତୀକ ଅଗ୍ରୱାଲ, ଓଡିଶା ରାଜ୍ୟ ଭିନ୍ନକ୍ଷମ ଆୟୋଗର ଆୟୁକ୍ତ ବ୍ରତତୀ ହରିଚନ୍ଦନ, ରାଜ୍ୟ ଭିନ୍ନକ୍ଷମ ବିଭାଗର ଡେପୁଟି ସେକ୍ରେଟାରୀ ସନ୍ୟାସୀ ବେହେରା, ସ୍ୱାଭିମାନର ପ୍ରତିଷ୍ଠାତା ଡ ସ୍ମୃତି ମହାପାତ୍ର, ଜାତୀୟ ପରିବାରର ସାଧାରଣ ସମ୍ପାଦକ ଡଃ. ସୁଦୀପ ଗୋୟଲ, ହାଇଦ୍ରାବାଦର ମୌଲାନା ଆଜାଦ୍ ନ୍ୟାସନାଲ ଉର୍ଦ୍ଦୁ ବିଶ୍ୱବିଦ୍ୟାଳୟର ଦିବ୍ୟାଙ୍ଗ ସାରଥୀ ସୁଶ୍ରୀ ଆକାଂକ୍ଷା, କଲିକତା ନାଇପିଡର ଦଶରଥ ଚୌଧୁରୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇ ମୂଲ୍ୟବାନ ବକ୍ତବ୍ୟ ରଖିଥିଲେ। ଶେଷରେ ଏନସିପିଓ ପରିବାର ଓଡ଼ିଶାର ସହ ସମ୍ପାଦକ ରଞ୍ଜନ କୁମାର ମହାରଣା ଧନ୍ୟବାଦ ଅର୍ପଣ କରିଥିଲେ। ସେହିପରି ଦ୍ୱିତୀୟ ଦିବସର ଉଦ୍‌ଯାପନୀ ଅଧିବେଶନରେ ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ମିତାଲୀ ରଣା ମୁଖ୍ୟ ଅତିଥି, ଆରଜିଏଚର ସୁପରିଟେଣ୍ଡେଂଟ ଡାକ୍ତର ସୁଧା ପ୍ରଧାନ ଏବଂ ସୁଦୀପ ଗୋୟଲ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ପରିବାର ଏନସିପିଓ ଓଡ଼ିଶାର ଉପସଭାପତି ଡ. ଜଗନ୍ନାଥ ମିଶ୍ର ସ୍ୱାଗତ ଭାଷଣ ଓ ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ମଂଚ ସଂଯୋଜନା କରିଥିଲେ। କାର୍ଯ୍ୟକ୍ରମରେ ଡ. ସୁଦୀପ ଗୋୟେଲ, ଡ. ରାମକୃଷ୍ଣ ବିଶ୍ୱାଳ, ଉମେଶ ପୁରୋହିତ, ପ୍ରତୀକ ଅଗ୍ରୱାଲ, ଚୈତାଲୀ ଗାମୀ, ଦୀପା ବାନାର୍ଜ, ଧ୍ୱନୀ ଫାଉଣ୍ଡେସନର ମିହିର ମହାନ୍ତି, ପ୍ରମୁଖ ଦିବ୍ୟାଙ୍ଗଙ୍କ ସମ୍ପର୍କିତ ତଥା ବିଭିନ୍ନ ବୈଷୟିକ ବିଷୟରେ ଅଭିଭାବକମାନଙ୍କୁ ମାର୍ଗ ଦର୍ଶନ ଦେଇଥିଲେ। ଓଡ଼ିଶା ପରିବାର ଏନସିପିଓ ତରଫରୁ ସଭାପତି ପ୍ରଭାକର ସାହୁ, ଉପ ସଭାପତି ପ୍ରମୁଖ ସୁଜାତା ପଟ୍ଟନାୟକ,ଜଗନ୍ନାଥ ମିଶ୍ର, ଅନଙ୍ଗ ନେଗୀ, ସମ୍ପାଦକ କାର୍ତ୍ତିକ ପାଣ୍ଡବ, ଉପ-ସମ୍ପାଦକ ପ୍ରମୁଖ ରଞ୍ଜିତ କୁମାର ମହାପାତ୍ର, ରଞ୍ଜନ ମହାରଣା, ପଚାଂନନ ପାତ୍ର, କୋଷାଧ୍ୟକ୍ଷ ଆଶିର୍ବାଦ ସାମଲ ତଥା ପ୍ରମୁଖ ସଦସ୍ୟ ଗଗନ ବିହାରୀ ଧଳ, ରଜତ କୁମାର ସାହୁ ଏବଂ ଶୁଭକାନ୍ତ ବୋଇତି ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମକୁ ପରିଚାଳନାରେ ସହଯୋଗ କରିଥିଲେ। ସୂଚନାଯୋଗ୍ୟ ଯେ ପ୍ରଥମ ଦିନ ସନ୍ଧ୍ୟାରେ ଭିନ୍ନକ୍ଷମ ପିଲାମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଦ୍ୱିତୀୟ ଦିନରେ ରଜତ କୁମାର ସାହୁ ସଂଗୀତ ପରିବେଷଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରଦ୍ଧାର ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ।

# ଯୁଗୀଯୁଗେନ ବନ୍ଧ ବିରୋଧୀଙ୍କ ଆନ୍ଦୋଳନ :ଜିଲ୍ଲାପାଳଙ୍କୁ ସ୍ମାରକପତ୍ର ପ୍ରଦାନ



ସୁନ୍ଦରଗଡ଼,୨୪/୮((ନି/ପ୍ର): ତଲସରା ବିଧାନସଭା କ୍ଷେତ୍ର ସବଡେଗା ବ୍ଲକ୍ କଟିଙ୍ଗିଡିହିଠାରେ ସରକାରଙ୍କ ବୃହତ ଯୁଗୀଯୁଗେନ ବନ୍ଧ ପ୍ରକଳ୍ପ ନିର୍ମାଣ ଅଭିସନ୍ଧି ଅଭିଯୋଗକୁ ନେଇ ସଂଗ୍ରାମ ସମିତି ସ୍ୱର ଉଠାଇ ଚାଲିଛି। ଅଗଷ୍ଟ ୧୫ ତାରିଖରେ ବାଲିଶଙ୍କରା ବ୍ଲକ୍ କନାକୁଣ୍ଡ ପରିଦର୍ଶନରେ ଯାଇଥିବା ଉପମୁଖ୍ୟମନ୍ତ୍ରୀ ଓ ଉପବାଚସ୍ପତି ଅନେକ ବିକାଶ ପ୍ରକଳ୍ପ ଘୋଷଣା କରି ପରୋକ୍ଷରେ ବନ୍ଧ ନିର୍ମାଣର କୌଣସି ଯୋଜନା ନାହିଁ ବୋଲି କହିଥିଲେ ମଧ୍ୟ ଅଂଚଳବାସୀ ତାକୁ ବିଶ୍ୱାସକୁ ନେଇ ନାହାନ୍ତି। ଏ ସମ୍ପର୍କରେ ମୁଖ୍ୟମନ୍ତ୍ରୀଙ୍କ ଲିଖିତ ଘୋଷଣା ଦାବି କରି ଆସୁଛନ୍ତି। ଏହି ପରିପ୍ରେକ୍ଷୀରେ ଆଜି ବାଲିଶଙ୍କରା ବ୍ଲକରେ ହେଉଥିବା ଯୁଗ୍ମ ଜନଶୁଣାଣିକୁ ଆସୁଥିବା ଜିଲ୍ଲାପାଳଙ୍କୁ ମୁଖ୍ୟ ରାସ୍ତାର ବିରତୋଲା, ପଚଂମହଲା, ବଡେଗା, ଡୁମେରବାହାଲରେ ଘେରି ସ୍ମାରକପତ୍ର ଦେଇ ବନ୍ଧ ପ୍ରକଳ୍ପ ବାତିଲ ଦାବି କରିଥିଲେ। ଯୁଗୀଯୁଗେନ ବନ୍ଧରେ ୧୦୭୮୩ ହେକ୍ଟର ଜମି, ୧୦ଟି ଗାଁ ସମ୍ପୂର୍ଣ୍ଣ ଓ ୨୦ଟି ଗାଁ ଆଂଶିକ ବୁଡ଼ିବ ଓ ୪୦ ହଜାର ଲୋକ ବିସ୍ଥାପିତ ହେବେ। ତେଣୁ ଏକ ବିଶାଳ ବିସ୍ଥାପନର ବିପର୍ଯ୍ୟୟକୁ କୌଣସିସ୍ଥିତିରେ ଗ୍ରହଣ କରାଯିବ ନାହିଁ ବୋଲି ଅଂଚଳବାସୀ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଅଂଚଳବାସୀ ବୃହତ ବିସ୍ଥାପନ ଆଣୁଥିବା ଯୁଗୀଯୁଗେନ ପରିବର୍ତେ ବାଲିଶଙ୍କରା ଇବନଦୀ ଉପରମୁଣ୍ଡରେ ତେଲିଯୋର ବନ୍ଧ ନିର୍ମାଣ ପାଇଁ ଦାବି କରିଥିଲେ। କିନ୍ତୁ ଜଳସେଚନ ବିଭାଗ ମୁଖ୍ୟଯନ୍ତ୍ରୀ (ଯୋଜନା) ଇଂ ଜଗନ୍ନାଥ ପାଣି ମୁଖ୍ୟଯନ୍ତ୍ରୀଙ୍କୁ ଚିଠି ଲେଖି ଯୁଗୀଯୁଗେନ ବନ୍ଧ ହିଁ ଜିଲ୍ଲା ପାଇଁ ଉପଯୁକ୍ତ ହେବ ବୋଲି ଦର୍ଶାଇଥିଲେ। ଏଭଳି ସ୍ଥିତିରେ ଯୁଗୀଯୁଗେନ ବନ୍ଧ ନିର୍ମାଣ ହେବ ନାହିଁ ବୋଲି କହି ଅଂଚଳବାସୀଙ୍କୁ ଭୁଆଁ ବୁଲା ଯାଉଥିବା ସଂଗ୍ରାମ ସମିତି ଅଭିଯୋଗ କରିଛି।

# ବ୍ୟାସ ପୂଜନ ଉତ୍ସବ ପାଳନ



ରାଉରକେଲା,୨୪/୮(ନି/ପ୍ର): ଭାରତୀୟ ଶିକ୍ଷଣ ମଣ୍ଡଳ ଓ ରାଉରକେଲା କଲେଜ, ରାଉରକେଲାର ମିଳିତ ଆନୁକୂଲ୍ୟରେ ବ୍ୟାସ ପୂଜନ ଉତ୍ସବ ମହାବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। କଲେଜର ଅଧ୍ୟକ୍ଷ ଡ. ରବୀନ୍ଦ୍ର କୁମାର ଜେନାଙ୍କ ମାର୍ଗଦର୍ଶନ ଓ ଓଡ଼ିଆ ବିଭାଗର ବରିଷ୍ଠ ପ୍ରାଧାପିକା ରଶ୍ମିପ୍ରଭା ମଥାନଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ପ୍ରଫେସର ଦିଲ୍ଲୀପ କୁମାର ପ୍ରଧାନ ଓ ବିଷୟ ବିଶେଷଜ୍ଞ ଭାବେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘର ଓଡ଼ିଶା ପଶ୍ଚିମର ପ୍ରାନ୍ତ ସଂଘଚାଳକ ଡ. ସନାତନ ପ୍ରଧାନ ଯୋଗଦେଇ ଆଲୋଚ୍ୟ ପ୍ରସଙ୍ଗ ଭାରତୀୟ ଜୀବନ-ଦର୍ଶନ-ଗୁରୁ-ଶିଷ୍ୟ ପରମ୍ପରା ସମ୍ପର୍କରେ ଆଲୋଚନା କରିଥିଲେ। ବିଷୟ ବିଶେଷଜ୍ଞ ଡ. ପ୍ରଧାନ ତାଙ୍କ ବକ୍ତବ୍ୟରେ ମାନବୀୟ ମୂଲ୍ୟବୋଧ ଓ ବିଦ୍ୟାର୍ଥୀଙ୍କ ପଚଂ ଲକ୍ଷଣ ତଥା ସମସ୍ତଙ୍କୁ ଶୁଣିବା, କେଉଁଟା ସମାଜ ଓ ପ୍ରକୃତି ପାଇଁ ଭଲ ସେହିଭଳି ବିବେକାନୁମୋଦିତ କାର୍ଯ୍ୟ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ମୁଖ୍ୟଅତିଥି ପ୍ରଫେସର ପ୍ରଧାନ ତାଙ୍କ ବକ୍ତବ୍ୟରେ ଗୁରୁ-ଶିଷ୍ୟ ପରମ୍ପରାର ଉତ୍ପତ୍ତି ଓ ଏହା କିପରି ସାର୍ବଜନୀନ ଜୀବନରେ ଆବଶ୍ୟକତା ତଥା ମାର୍ଗଦର୍ଶକ ଅଧ୍ୟକ୍ଷ ଡ. ଜେନା ତାଙ୍କ ବକ୍ତବ୍ୟରେ ଗୁରୁ-ଶିଷ୍ୟ ପରମ୍ପରା କିପରି ଭାରତୀୟ ସଂସ୍କୃତିର ପ୍ରାଣ ଓ ଏହି ପରମ୍ପରା କିପରି ଆମର ସାଂସ୍କୃତିକ ପରିମଣ୍ଡଳକୁ ପରିବ୍ୟାପ୍ତ କରିଛି ସେ ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଅନ୍ୟତମ ଅତିଥି ଡ. ଉମେଶ କୁମାର ସିଂ ବ୍ୟାସଦେବଙ୍କ ଗୁରୁଙ୍କ ପ୍ରତି ଭୂମିକା ସମ୍ପର୍କରେ ସୁଚିନ୍ତିତ ମତ ରଖିଥିଲେ। ପ୍ରାରମ୍ଭିକ ସଂଗୀତ ଗାନ କରିଥିଲେ ଛାତ୍ରୀ ଆରୁଷୀ ସେନାପତି। ଶେଷରେ ବରିଷ୍ଠ ଅଧ୍ୟାପକ କରୁଣାକର ପାଢଶାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧାପିକା ଅନନ୍ଦିତା ପାଲ୍, ଡ. ଜଗନ୍ନାଥ ଦେବାଶିଷ ପାଢୀ, ଅମିଶା ଓରାମ, ଲଳିତା କୁମାରୀ, ଭାରତୀ ବରୁଆ, ସନ୍ତୋଷ ରଜକ୍,ସୌମ୍ୟରଞ୍ଜନ ପ୍ରଧାନ, ନୀଳମାଧବ ନାୟକ, ସୂର୍ଯ୍ୟକାନ୍ତ ଦାସ, ପ୍ରୀତମ ସାମଲ, ସୁଶାନ୍ତ ପଟେଲ, ପ୍ରମୁଖ ବହୁ ଛାତ୍ର-ଛାତ୍ରୀ ଏହି କାର୍ଯ୍ୟକ୍ରମରେ ସହଯୋଗ ପ୍ରଦାନ କରିଥିଲେ।

# ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷା ବୈଠକ

ନୂଆପଡ଼ା,୨୪/୮(ନି/ପ୍ର): ନୂଆପଡ଼ା ଜିଲ୍ଲାପାଳ ମଧୁସୂଦନ ଦାଶଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସଭାଗୃହରେ ପ୍ରାଣୀ ସମ୍ପଦ ବିଭାଗର ସମୀକ୍ଷା ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛିକ୍ଷ ବୈଠକରେ ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସୁଖେନ୍ଦୁ ରାୟ ବିଭାଗ ପକ୍ଷରୁ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନାର ଅଗ୍ରଗତି ସମ୍ପର୍କରେ ବିସ୍ତୃତ ସୂଚନା ପ୍ରଦାନ କରିଥିଲେ। ଏହି ଅବସରରେ ବିଭିନ୍ନ ପ୍ରାଣୀପାଳନ ଯୋଜନାରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା ଅଗ୍ରଣୀ ପ୍ରାଣୀପାଳକ ମାନଙ୍କୁ ଜିଲ୍ଲାପାଳ ମାନପତ୍ର ଓ ଉତରୀୟ ପ୍ରଦାନ କରି ସମ୍ମାନିତ କରିଥିଲେ। ୩,୦୦୦ କୁକୁଡ଼ା ପାଳନ ଯୋଜନାରେ ସିନାପାଲି ବ୍ଲକ୍ର ଶାନ୍ତି ବଗର୍ତି, ୨,୦୦୦ କୁକୁଡ଼ା ପାଳନ ଯୋଜନାରେ ବୋଡ଼େନ ବ୍ଲକ୍ ର ଭ୍ରମର ସିଂହ ମାଝୀ, ୩୦+୨ ମେଣ୍ଢା ପାଳନରେ କୋମନା ବ୍ଲକ୍ ର ପ୍ରେମଶିଳା ପୁଞ୍ଜି, ୨,୫୦୦ କୁକୁଡ଼ା ପାଳନରେ ନୂଆପଡ଼ା ବ୍ଲକ୍ ର ହିରନ୍ତିନି ବାଗ ଏବଂ ୩,୦୦୦ କୁକୁଡ଼ା ପାଳନ ଯୋଜନାରେ ଖରିଆର ବ୍ଲକ୍ର ମାଧୁରୀଙ୍କୁ ସମ୍ମାନିତ କରାଯାଇଥିଲା। ବୈଠକରେ ଜିଲ୍ଲାପାଳ ଗୃହପାଳିତ ପ୍ରାଣୀମାନଙ୍କର ବୀମାକରଣ ଓ ଟୀକାକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରିବାକୁ ବିଭାଗୀୟ ଅଧିକାରୀମାନଙ୍କୁ କହିଥିଲେ। ଏଥିସହ ଘାସ ଚାଷକୁ ଅଧିକ ପ୍ରୋତ୍ସାହନ ଦେଇ ଦୁଗ୍ଧ ଉତ୍ପାଦନ ବୃଦ୍ଧି କରିବା ସହ ଜିଲ୍ଲାର ପ୍ରାଣୀପାଳକମାନଙ୍କୁ ଅଧିକ ସ୍ୱାବଲମ୍ବୀ କରିବା ଦିଗରେ ଗୁରୁତ୍ୱ ଦେବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ସମସ୍ତ ବ୍ଲକ୍ ର ପ୍ରାଣୀ ଚିକିତ୍ସା ଅଧିକାରୀ, ପ୍ରାଣୀ ଚିକିତ୍ସକ ଏବଂ ସମ୍ମାନିତ ପ୍ରାଣୀପାଳକମାନେ ଉପସ୍ଥିତ ଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ ବୈଠକ ସମାପ୍ତ ହୋଇଥିଲା।

**ପ୍ରାଣୀପାଳକଙ୍କୁ ସ୍ୱାବଲମ୍ବୀ କରିବା ଉପରେ ଗୁରୁତ୍ୱ**

# ନଗଦ ପ୍ରବାହକୁ ସୁଦୃଢ଼ କରିବା ନିମନ୍ତେ ଆରଏସପି ଦ୍ୱାରା ସିଧାସଳଖ ଅର୍ଡର ପୂରଣକୁ ପ୍ରାଥମିକତା



ରାଉରକେଲା,୨୪/୮(ନି/ପ୍ର):ସେଲ୍, ରାଉରକେଲା ଇସ୍ପାତ କାରଖାନା ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ବିକ୍ରି ଲବ୍ଧ ଅର୍ଥ ପ୍ରାପ୍ତ କରିବା, କାର୍ଯ୍ୟକାରୀ ପୁଞ୍ଜି ଦକ୍ଷତାରେ ସୁଧାର ଆଣିବା ଏବଂ କ୍ୟାସ୍ ଫ୍ଲୋ (ନଗଦ ପ୍ରବାହ)କୁ ସୁଦୃଢ଼ କରିବା ପାଇଁ ସିଧାସଳଖ ଅର୍ଡର ପୂରଣ ଉପରେ ଦୃଢ଼ ଧ୍ୟାନ ବଜାୟ ରଖିଛି। ଗତ ଜୁଲାଇ ମାସ ମଧ୍ୟରେ, ଆର.ଏସ.ପି ୩,୬୪,୬୪୯ ଟନ୍ ବିକ୍ରୟ ଯୋଗ୍ୟ ଷ୍ଟିଲ୍ ଚାଲାଣ କରିଥିଲା। ଏଥିମଧ୍ୟରୁ, ୩,୦୦,୯୧୧ ଟନ୍ ଗ୍ରାହକଙ୍କ ଅର୍ଡର ଆଧାରରେ ସିଧାସଳଖ ଚାଲାଣ କରାଯାଇଥିବା ବେଳେ, ୬୩,୭୩୮ ଟନ୍ ଷ୍ଟକୟାର୍ଡ ମାଧ୍ୟମରେ ପଠାଯାଇଥିଲା। ଏହିପରି ଭାବରେ, ଉକ୍ତ ମାସର ମୋଟ ଚାଲାଣ ମଧ୍ୟରୁ ସିଧାସଳଖ ଅର୍ଡର ପୂରଣର ପରିମାଣ ପ୍ରାୟ ୮୨.୫% ଥିଲା। ନିଶ୍ଚିତ ଗ୍ରାହକ ଅର୍ଡର ଅନୁଯାୟୀ ପ୍ରସ୍ତୁତ ଦ୍ରବ୍ୟ ଚାଲାଣ କରାଯିବା ନିଶ୍ଚିତ କରିବା ପାଇଁ କାରଖାନା ର ସିଧାସଳଖ ଅର୍ଡର ପୂରଣ ଉପରେ ଗୁରୁତ୍ୱ ରହିଛି, ଯାହାଦ୍ୱାରା ଦ୍ରୁତ ବିକ୍ରି ଲବ୍ଧ ଅର୍ଥ ପ୍ରାପ୍ତି ସୁଗମ ହୋଇପାରିବ ଏବଂ ଷ୍ଟକୟାର୍ଡ ଚଳାଚଳ ଉପରେ ନିର୍ଭରଶୀଳତା ହ୍ରାସ ପାଇବ। ଏହି ଆଭିମୁଖ୍ୟ ଦ୍ୱାରା ଉନ୍ନତ ଇନଭେଂଟରୀ ପରିଚାଳନା, ସୁଦୃଢ଼ କ୍ୟାସ୍ ଫ୍ଲୋ ଏବଂ ସଂସ୍ଥା ପାଇଁ ଅଧିକ ଆର୍ଥିକ ନମନୀୟତା ସୃଷ୍ଟି ହୋଇ ପାରିବ । ଏପ୍ରିଲରୁ ଜୁଲାଇ ମାସ ମଧ୍ୟରେ, ଆର.ଏସ.ପି ମୋଟ ୧୩,୨୮,୯୯୯ ଟନ୍ ବିକ୍ରୟ ଯୋଗ୍ୟ ଇସ୍ପାତ ଚାଲାଣ କରିଛି। ଏଥିରୁ ସିଧାସଳଖ ଅର୍ଡର ପୂରଣ ପରିମାଣ ୧୧,୨୮,୬୯୧ ଟନ୍ ଥିଲା, ଯାହା ଏହି ଅବଧି ମଧ୍ୟରେ ମୋଟ ଚାଲାଣ ର ପ୍ରାୟ ୮୪.୯% ଅଟେ। ଅବଶିଷ୍ଟ ୨,୦୦,୩୦୮ ଟନ୍ ଷ୍ଟକୟାର୍ଡ ମାଧ୍ୟମରେ ଚାଲାଣ କରାଯାଇଥିଲା। ପି.ଇ.ଟି ଉତ୍ପାଦ ଯଥା ସି.ଆର.ଏନ.ଓ ଏବଂ ପାଇପ୍ ସମେତ ପ୍ଲାଂଟର ସ୍ୱତନ୍ତ୍ର ଉତ୍ପାଦଗୁଡ଼ିକ ୯୦.୪% ସହିତ ଉଚ୍ଚ ସ୍ତରର ସିଧାସଳଖ ଅର୍ଡର ପୂରଣ ବଜାୟ ରଖିଥିବା ବେଳେ, ଅଣ-ପି.ଇ.ଟି ଉତ୍ପାଦଗୁଡ଼ିକ ପାଇଁ ଏହି ସଂଖ୍ୟା ୮୧.୪% ଥିଲା। ଏହି ପ୍ରଦର୍ଶନ, ଗ୍ରାହକଙ୍କ ଆବଶ୍ୟକତା ଏବଂ ବଜାର ଚାହିଦା ସହିତ ଉତ୍ପାଦନ ଓ ଚାଲାଣ ମଧ୍ୟରେ ଭାରସାମ୍ୟ ରଖିବା ପାଇଁ ଆର.ଏସ.ପି ର ଗୁରୁତ୍ୱକୁ ଦର୍ଶାଉଛି। ସିଧାସଳଖ ଅର୍ଡର ପୂରଣ ଉପରେ ନିରନ୍ତର ଗୁରୁତ୍ୱ, ଆର.ଏସ.ପି ର ଗ୍ରାହକ-କେନ୍ଦ୍ରିକ ପରିଚାଳନା, ଦକ୍ଷ କାର୍ଯ୍ୟକାରୀ ପୁଞ୍ଜି ଉପଯୋଗ ଏବଂ ଉନ୍ନତ ଆର୍ଥିକ ପ୍ରଦର୍ଶନ ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପ୍ରମାଣିତ କରେ। ଗ୍ରାହକଙ୍କ ଅର୍ଡର ଏବଂ ଉତ୍ପାଦ ଚାଲାଣ ମଧ୍ୟରେ ସମ୍ପର୍କକୁ ସୁଦୃଢ଼ କରି, କାରଖାନା ଏକ ଅଧିକ ପ୍ରତିକ୍ରିୟାଶୀଳ, ଦକ୍ଷ ଏବଂ ଆର୍ଥିକ ଦୃଷ୍ଟିରୁ ସୁଦୃଢ଼ ବିକ୍ରୟ ଓ ବଟଂନ ପ୍ରକ୍ରିୟା ଆଡ଼କୁ ଅଗ୍ରସର ହେଉଛି।